ବର୍ଷ-୨୬, ସଂଖ୍ୟା-୨୦୩
ଭୁବନେଶ୍ୱର
ଜୁଲାଇ ୨୯, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 203
Bhubaneswar
July, 29 2026, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଜଳକା, ଶାଳନ୍ଦୀ ଓ ବୈତରଣୀରେ ବନ୍ୟା ଆଶଙ୍କା

ଭୁବନେଶ୍ୱର, ୨୮।୭(ମହାଭାରତ): ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ଜାରି ରହିଛି । ବିଶେଷ କରି ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ବ୍ୟାପକ ବର୍ଷା ହୋଇଥିବା ବେଳେ ବାଲେଶ୍ୱରର ନୀଳଗିରିରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି । ଏହି ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାର ପ୍ରମୁଖ ନଦୀ ଜଳକା, ଶାଳନ୍ଦୀ ଓ ବୈତରଣୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ସେହିପରି ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ବିପଦ ସଂକେତ ଉର୍ଦ୍ଧ୍ୱରେ ରହିଛି ।।

## ଭଦ୍ରକ, ଯାଜପୁର, ସୁବର୍ଣ୍ଣପୁର, ବରଗଡ଼ ଜିଲ୍ଲାରେ ସ୍କୁଲ ଛୁଟି

## ୩ ଆଇଏଏସ୍‌ଙ୍କୁ ବନ୍ୟା ଜିଲ୍ଲା ଦାୟିତ୍ୱ

ଜଳସମ୍ପଦ ବିଭାଗର ଆକଳନ ଅନୁଯାୟୀ, ଆଜି ସନ୍ଧ୍ୟା ସୁଦ୍ଧା ବୈତରଣୀ ନଦୀରେ ବଡ଼ ବନ୍ୟା ଆସିପାରେ ।

ଉତ୍ତର ଓଡିଶାରେ ପ୍ରବଳ ବର୍ଷା ଏବଂ ବନ୍ୟା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି । କେନ୍ଦୁଝର, ଭଦ୍ରକ ଏବଂ ଯାଜପୁର ଜିଲ୍ଲାରେ ବନ୍ୟା ପରିଚାଳନା ପାଇଁ ରାଜ୍ୟ ସରକାର ତିନି ଜଣ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି ।

ଆଖୁଆପଦାଠାରେ ବର୍ତ୍ତମାନ ସୁଦ୍ଧା ଜଳସ୍ତର ବିପଦ ସଙ୍କେତ ଛୁଇଁ ନଥିଲେ ବି ସନ୍ଧ୍ୟା ସୁଦ୍ଧା ଏହା ବିପଦ ସଙ୍କେତ ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହାଦ୍ୱାରା ଧାମନଗର, ଦଶରଥପୁର ଓ ଚାନ୍ଦବାଲି ଅଞ୍ଚଳ ବିଶେଷ ଭାବେ ପ୍ରଭାବିତ ହେବା ସହ ବ୍ୟାପକ ଚାଷ ଜମି ଜଳମଗ୍ନ ହେବାର ଭୟ ରହିଛି । ତେବେ ୨୪ ଘଣ୍ଟା ପରେ ଜଳସ୍ତର କମିବ । ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର ପ୍ରକ୍ରିୟା ଉପରେ ନଜର ରଖାଯାଇଥିବା ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ସୂଚନା ଦେଇଛନ୍ତି ।



ଅନ୍ୟପଟେ, ଜଳକା ନଦୀର ମାଖନୀ ବ୍ରିଜ ନିକଟରେ ସନ୍ଧ୍ୟା ସୁଦ୍ଧା ଜଳସ୍ତର ୬.୮ ରୁ ୭ ମିଟର ପହଞ୍ଚି ବିପଦ ସଙ୍କେତ ଟପିପାରେ । ଡ୍ୟାମ୍ରୁ ଜଳ ନିଷ୍କାସନ ହେଉଥିବାରୁ ଭଦ୍ରକ ଜିଲ୍ଲାର ବିଭିନ୍ନ ତଳିଆ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେବ । ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି । ଗତକାଲି ସନ୍ଧ୍ୟାରେ ମହାନଦୀରେ ଆସିଥିବା ଉଚ୍ଚ ବନ୍ୟାଜଳ ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା କମିବାରେ ଲାଗିଛି । ମୁଣ୍ଡଳୀଠାରେ ଜଳସ୍ତର ହ୍ରାସ ପାଉଛି ।

ତେବେ ତଳିଆ ଅଞ୍ଚଳ ହୋଇଥିବାରୁ ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର କିଛି ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଇପାରେ । ହୀରାକୁଦ ଡ୍ୟାମର ବର୍ତ୍ତମାନ ମାତ୍ର ୨ଟି ଗେଟ୍ ଖୋଲା ରହିଛି । ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ହୀରାକୁଦର ଆଉ କୌଣସି ଗେଟ୍ ଖୋଲାଯିବ ନାହିଁ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି । ଏଥର ଦକ୍ଷିଣ ଓଡ଼ିଶାରେ ଆଶାଜନକ ବର୍ଷା ହୋଇନାହିଁ, ଯାହାଫଳରେ ସେହି ଅଞ୍ଚଳର ଡ୍ୟାମ୍ଗୁଡ଼ିକରେ ପର୍ଯ୍ୟାପ୍ତ ଜଳ ନାହିଁ । ଗତବର୍ଷ ତୁଳନାରେ ଏବର୍ଷ ସେଠାରେ ବର୍ଷା ପରିମାଣ କମ୍ ରହିଛି । ରାଜ୍ୟରେ ସୁବର୍ଣ୍ଣପୁର ଜିଲ୍ଲାରେ ସର୍ବାଧିକ ଏବଂ ଗଜପତି ଜିଲ୍ଲାରେ ସର୍ବନିମ୍ନ ବର୍ଷା ରେକର୍ଡ କରାଯାଇଛି ।

ଗତକାଲି ଠାରୁ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ମଧ ବର୍ଷା ଜାରି ରହିଛି । ପ୍ରବଳ ବର୍ଷା ଯୋଗୁଁ ମହାନଦୀ, ବୈତରଣୀ, ବୁଢ଼ାବଳଙ୍ଗ, ସାଳନ୍ଦୀ ନଦୀର ଜଳସ୍ତର ବଢ଼ିବାରେ ଲାଗିଛି । ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ନଦୀ ଜଳସ୍ତର ବିବା ସହିତ ଅନେକ ସ୍ଥାନରେ ପୋଲ ଉପରେ ପାଣି ପ୍ରବାହିତ ହୋଇଛି । ଫଳରେ ଯାତାୟତ ପ୍ରଭାବିତ ହୋଇଛି । କିଛି ସ୍ଥାନରେ ଅଘଟଣ ମଧ୍ୟ ଘଟିଛି । ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଆଜି ମୟୂରଭଂଜ, ବାଲେଶ୍ୱର, ଭଦ୍ରକ ଏବଂ ସମ୍ବଲପୁର ଜିଲ୍ଲାରେ ସ୍କୁଲ ଏବଂ ଅଙ୍ଗନବାଡି କେନ୍ଦ୍ରଗୁଡିକ ବନ୍ଦ ରଖାଯାଇଥିଲା ।

## ଭୁବନେଶ୍ୱରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର ୨୮।୭(ମହାଭାରତ):: ବିଜେପି ସାଂସଦ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ପରେ ପ୍ରଥମ ଓଡ଼ିଶା ଗସ୍ତରେ ଆସିଛନ୍ତି । ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟ ବିଜେପି ପକ୍ଷରୁ ଧର୍ମେନ୍ଦ୍ରଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ବରିଷ୍ଠ ବିଜେପି ନେତା, ବିଧାୟକ, ସାଂସଦଙ୍କ ସମେତ ଦଳୀୟ କର୍ମୀ ଏୟାରପୋର୍ଟରେ ପହଞ୍ଚି ତାଙ୍କୁ ସ୍ୱାଗତ



ଜଣାଇଛନ୍ତି ।ସେପଟେ କେନ୍ଦ୍ର ମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଲୋକପ୍ରିୟତା ବଢ଼ିବାରେ ଲାଗିଛି । ସୋସିଆଲ ମିଡିଆଠାରୁ ଆରମ୍ଭ କରି ଜନସାଧାରଣଙ୍କ ଗ୍ରହଣଯୋଗ୍ୟତା ପର୍ଯ୍ୟନ୍ତ ସବୁଠି ଏବେ ତାଙ୍କ ତ୍ୟାଗ ଓ ନିଷ୍ପତ୍ତିକୁ ନେଇ ଚର୍ଚ୍ଚା ।ଛାତ୍ରଛାତ୍ରୀ ଏବଂ ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସେ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ନିଜର ଆବେଗପୂର୍ଣ୍ଣ ଇସ୍ତଫା ପତ୍ରରେ ସେ ଦେଶର ଯୁବବର୍ଗଙ୍କ ସ୍ୱାର୍ଥ ରକ୍ଷାକୁ ନେଇ ଯେଉଁ ବାର୍ତ୍ତା ଦେଇଛନ୍ତି, ତାହା ସାରା ଦେଶର ଯୁବସମାଜକୁ ଗଭୀର ଭାବେ ଆନ୍ଦୋଳିତ କରିଛି ।

# ଅପରାଧିକ ରେକର୍ଡ ନଥିବା ବିକ୍ଷୋଭକାରୀଙ୍କୁ ମୁକ୍ତ କର : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮।୭(ମହାଭାରତ):: ଛାତ୍ର ଆନ୍ଦୋଳନକୁ ନେଇ ଦେଶର ସବୁ ରାଜ୍ୟ ସରକାରଙ୍କୁ ବଡ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ୧୮ ବର୍ଷରୁ କମ ଓ ଯେଉଁମାନଙ୍କ ନାଁରେ ପୂର୍ବରୁ କୌଣସି ଅପରାଧିକ ରେକର୍ଡ ନାହିଁ, ସେଭଳି ଶିକ୍ଷାର୍ଥୀଙ୍କୁ ତୁରନ୍ତ ମୁକ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

ନିଟ ପ୍ରଶ୍ନପତ୍ର ଲିକ ମାମଲାରେ ଦେଶବ୍ୟାପୀ ଆନ୍ଦୋଳନ ବେଳେ ଅନେକ ଶିକ୍ଷାର୍ଥୀଙ୍କୁ ବିଭିନ୍ନ ରାଜ୍ୟରେ ପୁଲିସ୍ ଉଠାଇ ନେଇଥିଲା । ଏହାର ଶୁଣାଣି କରିବା ବେଳେ ଆଜି ସୁପ୍ରିମକୋର୍ଟ ଏପରି ନିର୍ଦ୍ଦେଶ ଦେଇଛନ୍ତି ।

କକ୍ରୋଚ ଜନତା ପାର୍ଟି ନେତୃତ୍ୱରେ ଦିଲ୍ଲୀର ଯନ୍ତରମନ୍ତର ଓ ଅନ୍ୟ ରାଜ୍ୟଗୁଡ଼ିକରେ ହୋଇଥିବା ଆନ୍ଦୋଳନ ସମ୍ପର୍କରେ ରୁଜୁ ହୋଇଥିବା ଏଫଆଇଆରକୁ ନେଇ ମଧ ବଡ କଥା କହିଛନ୍ତି ସୁପ୍ରିମକୋର୍ଟ । ଏହି ଏଫଆଇଆରକୁ ଆଧାର କରି ଶିକ୍ଷାର୍ଥୀଙ୍କ ବିରୋଧରେ କୌଣସି ପ୍ରକାରର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ୩ ଜଣିଆ ଖଣ୍ଡପୀଠ ଶୁଣାରି ବେଳେ ସ୍ପଷ୍ଟ କରିଛନ୍ତି ଯେ ଅପରାଧିକ ପୃଷ୍ଠଭୂମି ରଖିଥିବା ବିକ୍ଷୋଭକାରୀଙ୍କୁ ଏହି ରାୟ ବଳରେ କୌଣସି ପ୍ରକାରର ସୁରକ୍ଷା ମିଳିବ ନାହିଁ । ସେହିପରି ବିକ୍ଷୋଭକାରୀଙ୍କ ବିରୋଧରେ ପୁଲିସ୍ ଗ୍ରହଣ କରିଥିବା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଗୋଟିଏ ଉଚ୍ଚ ସ୍ତରୀୟ କମିଟି ଗଠନ କରିବାର ସଙ୍କେତ ଦେଇଛନ୍ତି ।

ଏହି କମିଟି ପୁଲିସ୍ ଉପରେ ବିକ୍ଷୋଭକାରୀମାନେ କରିଥିବା କଥିତ ଆକ୍ରମଣର ମଧ ତଦନ୍ତ କରିପାରେ । ଏହାବାଦ ପୂରା ଘଟଣାରେ ସୁପ୍ରିମକୋର୍ଟ କେନ୍ଦ୍ର ସମେତ ମହାରାଷ୍ଟ୍ର, ବିହାର, ଆସାମ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଓ ଦିଲ୍ଲୀ ସରକାରଙ୍କୁ ନୋଟିସ କରି ଜବାବ ମାଗିଛନ୍ତି ।

ବିଭିନ୍ନ ରାଜ୍ୟରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ଦମନ କରିବା ସମୟରେ ପୁଲିସର ବର୍ବରତା ନେଇ ଦାଖଲ ହୋଇଥିବା ଏକାଧିକ



ଆବେଦନର ଶୁଣାଣି ଆଜି ସୁପ୍ରିମକୋର୍ଟ କରିଛନ୍ତି । ଏଥିରେ ଜୁଲାଇ ୨୦ରେ ସଂସଦ ଅଭିମୁଖେ ଶୋଭାଯାତ୍ରା ସମୟରେ ଛାତ୍ରଛାତ୍ରୀ ଓ ପୁଲିସ ମଧରେ ହୋଇଥିବା ସଂଘର୍ଷ ଘଟଣା ମଧ୍ୟ ରହିଛି । ଆରଜେଡି ସାଂସଦ ମନୋଜ ଝାଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନରେ ଅଭିଯୋଗ କରାଯାଇଥିଲା ଯେ ଆନ୍ଦୋଳନ ସମୟରେ ବିହାରର ଜଣେ ପୁଲିସ ଅଧିକାରୀ ଏକେ-୪୭ ରାଇଫଲ ବ୍ୟବହାର କରିଥିଲେ । ଏହି ସବୁ ଆବେଦନର ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଛନ୍ତି ଯେ ମାତ୍ରାଧିକ ବଳ ପ୍ରୟୋଗ କରିଥିବା କିମ୍ବା ଆଇନକୁ ନିଜ ହାତକୁ ନେଇଥିବା ବ୍ୟକ୍ତିଙ୍କୁ ଉତ୍ତରଦାୟୀ କରାଯିବା ଉଚିତ । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି, "ଗୋଟିଏ ସମ୍ପୂର୍ଣ୍ଣ ସ୍ୱାଧୀନ ତଦନ୍ତ ହେବା ଆବଶ୍ୟକ । ଯିଏ ମାତ୍ରାଧିକ ବଳ ପ୍ରୟୋଗ କରିଛି କିମ୍ବା ଆଇନକୁ ନିଜ ହାତକୁ ନେଇଛି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର । ଦାୟିତ୍ୱ ନିର୍ଦ୍ଧାରଣ ନ ହେଲେ ତଦନ୍ତର କୌଣସି ଅର୍ଥ ରହିବ ନାହିଁ ।"

ଶୁଣାଣି ସମୟରେ ବିକ୍ଷୋଭ ସହ ଜଡ଼ିତ ସମସ୍ତ ସିସିଟିଭି, ଡ୍ରୋନ୍ ଫୁଟେଜ୍, ବଡି କ୍ୟାମେରା ରେକର୍ଡିଂ, ୱାୟାରଲେସ୍ ଯୋଗାଯୋଗର ରେକର୍ଡ ଓ ପିସିଆର୍ ଲଗ୍ ସଂରକ୍ଷିତ ରଖିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ବିକ୍ଷୋଭକାରୀଙ୍କ ବ୍ୟକ୍ତିଗତ ସୂଚନା ଓ ଡିଜିଟାଲ ତଥ୍ୟ ମଧ ସାର୍ବଜନୀନ ନ କରିବାକୁ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଜୁଲାଇ ୨୦ର ପ୍ରତିବାଦ ସମୟରେ ପେଲେଟ୍ ଗନ୍ ବ୍ୟବହାର ହୋଇଥିବା ଅଭିଯୋଗକୁ ଗୁରୁତ୍ୱର ସହ ନେଇ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଏଭଳି ଆନ୍ଦୋଳନର ମୁକାବିଲା ପାଇଁ ପୁଲିସକୁ ଗୋଟିଏ ନୂଆ ପ୍ରୋଟୋକଲର ଆବଶ୍ୟକତା ରହିଛି । ପେଲେଟ୍ ଗନ୍ ଆଘାତ ଯୋଗୁ ଜଣେ ଯୁବକ ଦୃଷ୍ଟିଶକ୍ତି ହରାଇଥିବା ଅଭିଯୋଗ ହୋଇଛି । ସେହିପରି ବିକ୍ଷୋଭକାରୀଙ୍କ ବିରୋଧରେ ପୁଲିସ ବିଦ୍ୟୁତ୍ ବାଟନ୍ ଓ କଣ୍ଟା ଲାଗିଥିବା ବାଡ଼ି ବ୍ୟବହାର କରିଥିବା କୁହାଯାଉଛି ।

## ଫାଇଲ ଚୋରି ମାମଲାରେ ପଶିଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୨୮।୭(ମହାଭାରତ): ସିଏମ୍ଓରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲାର ତଦନ୍ତ କମିସନ୍ ଫାଇଲ୍ ଗାଏବ ଘଟଣା । କ୍ରାଇମବ୍ରାଞ୍ଚ ତଦନ୍ତ ଦାୟିତ୍ୱ ନେବା ପରେ ତନାଘନା ଆରମ୍ଭ କରିଛି । କ୍ୟାପିଟାଲ ଥାନାରେ ୩ ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ଛାନଭିନ୍ କରିଛନ୍ତି । ସେପଟେ ଏହାକୁ ନେଇ ରାଜନୈତିକ ବୟାନବାଜି ତେଜିଛି । ହାଇପ୍ରୋଫାଇଲ ମାମଲା, ପ୍ରାୟ ଦେ ମାସ ଧରି ଘଣ୍ଟା ଚକଟା ଚାଲିଲା । ହେଲେ କମିସନରେଟ ପୁଲିସ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲାର ତଦନ୍ତ କମିସନ୍ ଫାଇଲ୍ ଗାୟବର କାର୍ଯ୍ୟତଦାରମାନଙ୍କୁ ସାମ୍ନାକୁ ଆଣିପାରିଲା ନାହିଁ । କେବଳ ନୋଟିସ ଓ ସମନରେ ଅଟକିଗଲା । ତଦନ୍ତ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ କ୍ରାଇବ୍ରାଞ୍ଚକୁ ଦାୟିତ୍ୱ ଦେବା ପରେ ମାମଲା ରୁଜୁ କରି ଖୋଳତାଡ ଆରମ୍ଭ କରିଛି । କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସପି ଆଶୁତୋଷ ମିଶ୍ରଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ କ୍ୟାପିଟାଲ ଥାନାରେ ପହଞ୍ଚି ଆରମ୍ଭ କରିଛନ୍ତି ତନାଘନା । କମିଶନରେଟ ପୋଲିସ ପୂର୍ବରୁ କରିଥିବା ତଦନ୍ତ ରିପୋର୍ଟ ନିଜ ହେପାଜତକୁ ନେଇଛି । କ୍ୟାପିଟାଲ ଥାନା ପକ୍ଷରୁ ନୋଟିସ ସତ୍ତ୍ୱେ ଯେଉଁ ଯେଉଁ ବାବୁ ହାଜର ହୋଇନଥିଲେ, ସେମାନଙ୍କୁ ପୁଣି ନୋଟିସ କରିପାରେ କ୍ରାଇମବ୍ରାଞ୍ଚ ।

# ଜ୍ୟୋତିର୍ମୟୀଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

## ଘୋଷଣା କଲେ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି

ଭୁବନେଶ୍ୱର, ୨୮।୭(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବର୍ଷର ଇଣ୍ଡିଆନ୍ ଆଇଡଲ୍-ସିଜିନ୍ ୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ମଙ୍ଗଳବାର ତାଙ୍କ ସରକାରୀ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି । ଏଥି ସହିତ ଜ୍ୟୋତିର୍ମୟୀଙ୍କ ଅସାଧାରଣ କୃତିତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି ।ଜ୍ୟୋତିର୍ମୟୀ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ସରକାରୀ ବାସଭବନରେ ଭେଟି ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ପ୍ରଦର୍ଶନ କରିଥିଲେ । ଏଥିସହ ଇଣ୍ଡିଆନ୍ ଆଇଡଲ୍'ର ସଫଳତା ପଛରେ ଥିବା ତାଙ୍କ କଠିନ ପରିଶ୍ରମ ଓ ଅଧ୍ୟବସାୟ ବିଷୟରେ କହିଥିଲେ ।

ମୁଖ୍ୟମନ୍ତ୍ରୀ ଜ୍ୟୋତିର୍ମୟୀଙ୍କ ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ନିଜର ଅସାଧାରଣ ପ୍ରତିଭା ଓ କଠିନ ସାଧନା ବଳରେ ଜାତୀୟ ସ୍ତରରେ ବିଜେତା ହୋଇ ରାଜ୍ୟ ପାଇଁ ସେ ଗୌରବ ଆଣିଛନ୍ତି ବୋଲି କହିଥିଲେ । ନୂଆ ପିଢ଼ିର କଣ୍ଠଶିଳ୍ପୀଙ୍କ ପାଇଁ ଜ୍ୟୋତିର୍ମୟୀ ଏକ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ସୂଚନାଯୋଗ୍ୟ ଯେ, ଜ୍ୟୋତିର୍ମୟୀ



ତାଙ୍କର ସଙ୍ଗୀତ ପ୍ରତିଭାକୁ ଚିକିତ୍ସା କ୍ଷେତ୍ରରେ ମଧ ଉପଯୋଗ କରୁଛନ୍ତି । ରାଜ୍ୟର ଅନେକ କ୍ୟାନ୍ସର ହସ୍ପିଟାଲରେ ମ୍ୟୁଜିକ୍ ଥେରାପି ପ୍ରୟୋଗ କରି ସେମାନଙ୍କ କଷ୍ଟ ଲାଘବ କରିବାରେ ସହାୟତା କରିଛନ୍ତି । ତାଙ୍କର ଏହି ବିରଳ ପ୍ରତିଭା ଓ ସେବା ମନୋଭାବର ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେ ସାରା ରାଜ୍ୟ ତଥା ଦେଶର ଏକ 'ଯୁବ ଆଇକନ୍' । ସଙ୍ଗୀତକୁ ରୋଗୀଙ୍କ ସେବା କ୍ଷେତ୍ରରେ ବ୍ୟବହାର କରିବାର ଏହି ଉଦ୍ୟମ ଆଗାମୀ ଦିନରେ ଏକ ନୂଆ ଟ୍ରେଣ୍ଡ୍ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ । ଜ୍ୟୋତିର୍ମୟୀଙ୍କ ଭଳି ଯୁବ ପ୍ରତିଭାଙ୍କ ନିଷ୍ଠା ଓ ଉଦ୍ୟମ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାର୍ଥକ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜ୍ୟୋତିର୍ମୟୀଙ୍କ ଏହି ଯାତ୍ରାରେ ରାଜ୍ୟବାସୀ ବିପୁଳ ଉତ୍ସାହର ସହ ସମର୍ଥନ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଜାତୀୟ ସ୍ତରର କୃତିତ୍ୱ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଏକ ସ୍ମରଣୀୟ ଅଧ୍ୟାୟ ଏବଂ ଏହା ଓଡିଶାର କଳା ପ୍ରତିଭାକୁ ଜାତୀୟ ସ୍ତରରେ ଆହୁରି ଉଜ୍ଜ୍ୱଳ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଅବସରରେ ଜ୍ୟୋତିର୍ମୟୀଙ୍କ ପିତା ଚକ୍ରଧର ନାୟକ ଓ ମାତା ଗୌରୀ ନାୟକ ଉପସ୍ଥିତ ଥିଲେ ।

## ମହିଳା ଆରଆଇଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ

ଢେଙ୍କାନାଳ୨୮।୭(ମହାଭାରତ):: ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ ଅନ୍ତର୍ଗତ କନ୍ଦରସିଂହା ରାଜସ୍ୱ ମଣ୍ଡଳର ପୂର୍ବତନ ଆର.ଆଇ ମାଳତି ଦେହୁରୀଙ୍କୁ ଢେଙ୍କାନାଳର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷର ସଶ୍ରମ କାରାଦଣ୍ଡ ଏବଂ ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ମାଳତି ଦେହୁରୀ ବର୍ତ୍ତମାନ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ ଅନ୍ତର୍ଗତ ପଞ୍ଚୁପଡ଼ା ରାଜସ୍ୱ ମଣ୍ଡଳର ଆର.ଆଇ ଅଛନ୍ତି । ଏକ ମ୍ୟୁଟେସନ୍ (ନାମଜାରି) ମାମଲାରେ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ଦାବି କରିବା ଓ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ତାଙ୍କ ବିରୋଧରେ ୧୯୮୮ ମସିହା ପିସି ଆକ୍ଟର ଧାରା ୧୩(୨) ଖଣ୍ଡ ୧୩(୧)(ଘ)/୭ ଅଧୀନରେ ଚାର୍ଜସିଟ୍ ଦାଖଲ କରିଥିଲା । ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ ଅନ୍ତର୍ଗତ କନ୍ଦରସିଂହା ରାଜସ୍ୱ ମଣ୍ଡଳର ପ୍ରକ୍ତନ ଆର.ଆଇ. ମାଳତି ଦେହୁରୀ ବର୍ତ୍ତମାନ ହିନ୍ଦୋଳ ତହସିଲ ଅନ୍ତର୍ଗତ ପଞ୍ଚୁପଡ଼ା ରାଜସ୍ୱ ମଣ୍ଡଳର ଆର.ଆଇ ଥିବା ବେଳେ ତାଙ୍କୁ ଚାକିରିରୁ ବରଖାସ୍ତ କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ସୁପାରିଶ କରାଯିବ ବୋଲି କହିଛି ଭିଜିଲାନ୍ସ ।

## ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା

# ଓଡିଶାରେ ଉପକୃତ ହେଉଛନ୍ତି ୩ କୋଟି ୨୧ ଲକ୍ଷରୁ ଅଧିକ ଲୋକ

ଭୁବନେଶ୍ୱର, ୨୮।୭(ମହାଭାରତ): ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଏବେ ଦେଶର ପ୍ରାୟ ୮୦ କୋଟି ଲୋକ ଉପକୃତ ହେଉଛନ୍ତି । ଏଥିଲାଗି ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଖାଦ୍ୟ ସବସିଡ୍ ବାବଦରେ ୨,୨୭,୭୩୯ କୋଟି ୯୬ଲକ୍ଷ ଟଙ୍କା ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଭାରତୀୟ ଖାଦ୍ୟ ନିଗମକୁ ପ୍ରଦାନ କରୁଛନ୍ତି । ଓଡିଶାରେ ୩କୋଟି ୨୧ ଲକ୍ଷରୁ ଅଧିକ ଲୋକ ଉପକୃତ ହେଉଛନ୍ତି । ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଖାଉଟି କଲ୍ୟାଣ ବିଭାଗ ରାଷ୍ଟ୍ରମନ୍ତ୍ରୀ ନିମୁ ବେନ୍ ଜୟନ୍ତୀଭାଇ ବାମ୍ଭାନିୟା ଏହି ସୂଚନା ଦେଇଛନ୍ତି ।

ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ କୋଭିଡ ପରେ ଦେଶରେ ଆର୍ଥିକ ବ୍ୟବସ୍ଥା ଖରାପ ହୋଇଯାଇଥିବାବେଳେ ଗରିବ ଲୋକେ ନାହିଁ ନଥିବା ଦୁରବସ୍ଥାର ସମ୍ମୁଖୀନ ହେଉଥିଲେ । ଏହାକୁ ଆଖିଆଗରେ ରଖି ୨୦୨୦ ଏପ୍ରିଲ ମାସରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଆରମ୍ଭ କରିଥିଲେ । ଗତ ଆର୍ଥିକ ବର୍ଷରେ ଏଥିପାଇଁ ୨ଲକ୍ଷ ୨୭ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ କେନ୍ଦ୍ର ସରକାରଙ୍କୁ ବହନ କରିବାକୁ ପଡିଥିଲା ।

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ହିତାଧିକାରୀମାନଙ୍କୁ ମୁଣ୍ଡପିଛା ୫କିଲୋ କରି ଚାଉଳ ବା ଗହମ ମାଗଣାରେ ଦିଆଯାଉଛି । ଏହାଛଡା ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୪୬ଲକ୍ଷ ମେଟ୍ରିକ ଟନ୍ରୁ ଅଧିକ ଖାଦ୍ୟ ଶସ୍ୟ ମଧ ମୁଣ୍ଡପିଛା ୩୫କିଲୋ ହିସାବରେ ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଉଛି ।



ଶ୍ରୀ ରାୟଙ୍କ ପ୍ରଶ୍ନର ଉତ୍ତରରେ ସରକାରଙ୍କ ପକ୍ଷରୁ ଯେଉଁ ତଥ୍ୟ ଦିଆଯାଇଛି ସେଥିରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡିଶାରେ ୩,୨୧,୯୩,୦୫୯ ଜଣ ଉପକୃତ ହେଉଛନ୍ତି । ସେହିପରି ପଶ୍ଚିମବଙ୍ଗରେ ୬କୋଟିରୁ ଅଧିକ, ଉତ୍ତରପ୍ରଦେଶରେ ୧୪କୋଟିରୁ ଅଧିକ, ତେଲେଙ୍ଗାନାରେ ପାଖପାଖି ୨କୋଟି, ତାମିଲନାଡୁରେ ସାଢେ ୩କୋଟିରୁ ଅଧିକ, ରାଜସ୍ଥାନରେ ୪କୋଟିରୁ ଅଧିକ, ପଞ୍ଜାବରେ ପାଖପାଖି ଦେଢ କୋଟି, ମହାରାଷ୍ଟ୍ରରେ ୬କୋଟିରୁ ଅଧିକ, ମଧ୍ୟପ୍ରଦେଶରେ ୫କୋଟିରୁ ଅଧିକ, କର୍ଣ୍ଣାଟକରେ ୪କୋଟିରୁ ଅଧିକ, ଗୁଜୁରାଟରେ ୩କୋଟିରୁ ଅଧିକ, ବିହାରରେ ୮କୋଟିରୁ ଅଧିକ, ଆସାମ ଓ ଆନ୍ଧ୍ରପ୍ରଦେଶରେ ୨କୋଟିରୁ ଅଧିକ କରି ଲୋକ ଉପକୃତ ହେଉଛନ୍ତି ।

ସେହିପରି ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଓଡିଶାକୁ ବାର୍ଷିକ ୧ଲକ୍ଷ ୮୭ହଜାର ଟନ୍ ଖାଦ୍ୟଶସ୍ୟ ମିଳୁଥିବାବେଳେ ଉତ୍ତରପ୍ରଦେଶକୁ ୮ଲକ୍ଷ, ପଶ୍ଚିମବଙ୍ଗକୁ ୩ଲକ୍ଷ, ତାମିଲନାଡୁକୁ ୩ଲକ୍ଷ, ରାଜସ୍ଥାନ ୨ଲକ୍ଷ, ମହରାଷ୍ଟ୍ର ୩ଲକ୍ଷ, ବିହାର ସାଢେ ୪ଲକ୍ଷ ମେଟ୍ରିକ ଟନରୁ ଅଧିକ ଖାଦ୍ୟ ଶସ୍ୟ ପାଉଛନ୍ତି । ତେବେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ଅନ୍ତ୍ୟୋଦୟ ଯୋଜନାରେ ଅନ୍ୟ ବହୁ ରାଜ୍ୟ ପରି ଓଡିଶାକୁ ଚାଉଳ ସହିତ ଗହମ ଯୋଗାଇବାପାଇଁ ଶ୍ରୀ ରାୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସ୍ୱାସ୍ଥ୍ୟଗତ କାରଣରୁ କେତେକ ଲୋକଙ୍କୁ ଭାତ ଖାଇବା ଉପରେ ପ୍ରତିବନ୍ଧକ ଥିବା ଦୃଷ୍ଟିରୁ ସେମାନଙ୍କ ଲାଗି ଗହମବ୍ୟବସ୍ଥା କରାଗଲେ ଲୋକେ ବେଶି ସଂଖ୍ୟାରେ ଉପକୃତ ହେବେବୋଲି ସେ କହିଛନ୍ତି ।

## ରାଜ୍ୟ ଗୋଷ୍ଠୀ କ୍ରୀଡାରେ ଭାରତକୁ ଆଉ ଗୋଟିଏ ସ୍ୱର୍ଣ୍ଣ

ଗ୍ଲାସଗୋ, ୨୮।୭: ଗ୍ଲାସଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତକୁ ମିଳିଛି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ । ସୋମବାର ଦେଶ ପାଇଁ ଏହି ପଦକ ଜିତିଛନ୍ତି ପାରା ଶଟ୍ ପୁଟର୍ ଶର୍ମିଳା ଧନଖଡ଼ । ମହିଳା ଶଟ୍ ପୁଟ୍ ଊ୫୭ ଇଭେଣ୍ଟରେ ୯.୮୧ ମିଟରର ନିଜର ଚଳିତ ସିଜନର ଶ୍ରେଷ୍ଠ ପ୍ରଦର୍ଶନ ସହ



ସେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏହାସହ ଶର୍ମିଳା ରାଜ୍ୟଗୋଷ୍ଠୀ କ୍ରୀଡ଼ା (କମନୱେଲଥ ଗେମ୍ସ) ପାରା-ଆଥଲେଟିକ୍ସରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି । ତାଙ୍କର ଏହି ସଫଳତା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାରା-ଆଥଲେଟିକ୍ସରେ ଭାରତର ୨୦ ବର୍ଷର ପଦକ ପ୍ରତୀକ୍ଷାର ଅନ୍ତ ଘଟାଇଛି ।ସୋମବାର ସୁଦ୍ଧା ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୫ମ ଦିବସ ଶେଷ ହୋଇଥିବା ବେଳେ ଭାରତର ପଦକ ସଂଖ୍ୟା ୧୦କୁ ବୃଦ୍ଧି ପାଇଛି । ଗତକାଲି ଭାରତୀୟ ହାଇ ଜମ୍ପର୍ ସର୍ବେଶ କୁଶାରେ ସ୍କଟସଟାଉନ୍ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ହାଇ ଜମ୍ପ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି । ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରି କୁଶାରେ ୨.୨୫ ମିଟର ଡେଇଁଥିଲେ, ହେଲେ ୨.୨୮ ମିଟର ପାଇଁ ୩ଟି ବିଫଳ ପ୍ରୟାସ ପରେ ତାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା ।

## ଚିକେନ ଲଲିପପ

**ଆବଶ୍ୟକ ସାମଗ୍ରୀ:** ଚିକେନ, ସୋୟା ସସ, ଚିଲି ସସ, ଟମାଟୋ କ୍ୟାଚଅପ୍, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର, ମଇଦା, ଚିଲି ଫ୍ଲେକ୍ସ, ସ୍ପ୍ରିଙ୍ଗ ଓନିଅନ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ବାଉଲରେ ସୋୟା ସସ, ଚିଲିସସ, ଟମାଟୋ କ୍ୟାଚଅପ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର ଓ ମଇଦା, ଲୁଣକୁ ମିଶାଇ ଏକ ଭଲ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ସେଥିରେ ଚିକେନକୁ ମ୍ୟାରିନେଟ କରି ଗୋଟିଏ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ଏକ କଡ଼େଇରେ ତେଲ ଗରମ କରି ଚିକେନକୁ ଫ୍ରାଏ କରି ରଖନ୍ତୁ। ଏବେ ଆଉ ଏକ ପ୍ୟାନରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ଯାଇଥିବା, ଅଦା, ରସୁଣ, ଚିଲି ଫ୍ଲେକ୍ସ, ଚିଲି ସସ, ସୋୟା ସସ, ଟମାଟୋ କ୍ୟାଚଅପ୍, ଲୁଣ ମିଶାଇ ଗୋଳାନ୍ତୁ। ଅଳ୍ପ କିଛି ପାଣି ମିଶାନ୍ତୁ। ଏହାପରେ ସେଥିରେ ଛଣା ଯାଇଥିବା ଚିକେନ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ କିଛି ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ। ଏଥର ଚିକେନ ଲଲିପପ ପ୍ରସ୍ତୁତ ହୋଇଗଲା।



# ସୂର୍ଯ୍ୟ ଭଗବାନଙ୍କୁ ଜଳ ଅର୍ପଣ: ମିଳିଥାଏ ଶୁଭଫଳ



ହିନ୍ଦୁ ଧର୍ମରେ ସୂର୍ଯ୍ୟ ଗ୍ରହକୁ ଦେବତା ପରି ପୂଜା କରାଯାଏ। ଅଧିକାଂଶ ଲୋକ ସକାଳେ ଉଦୟ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରନ୍ତି । କୁହାଯାଏ ଯେ ପ୍ରତିଦିନ ଉଦୟ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବା ଦ୍ୱାରା ଭାଗ୍ୟ ଆସେ ଏବଂ ସମ୍ମାନ ବୃଦ୍ଧି ହୁଏ । ଏହା ବ୍ୟତୀତ, ଯଦି ବିବାହରେ ବିଳମ୍ବ ହୁଏ ତେବେ ସୂର୍ଯ୍ୟଙ୍କୁ ନିୟମିତ ଜଳ ଅର୍ପଣ କରିବା ଶୀଘ୍ର ଭଲ ସମ୍ପର୍କ ଆଣିଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟ ସ୍ୱାସ୍ଥ୍ୟ, ପିତା ଏବଂ ପ୍ରାଣର କାରଣ ବୋଲି ବିବେଚନା କରାଯାଏ। ଜଣେ ବ୍ୟକ୍ତିଙ୍କ ଜୀବନରେ ସୂର୍ଯ୍ୟ ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଯଦି ରାଶିରେ ସୂର୍ଯ୍ୟଙ୍କ ସ୍ଥିତି ଶକ୍ତିଶାଳୀ ତେବେ ବ୍ୟକ୍ତି ଜୀବନରେ ଅନେକ ସଫଳତା ଏବଂ ଖ୍ୟାତି ପାଆନ୍ତି । ସେଥିପାଇଁ ଲୋକମାନେ ସୂର୍ଯ୍ୟଙ୍କୁ ପୂଜା କରନ୍ତି ଏବଂ ଅର୍ଘ୍ୟକୁ ଉତ୍ସର୍ଗ କରନ୍ତି । ଏଭଳି ପରିସ୍ଥିତିରେ ଆସନ୍ତୁ ଜାଣିବା ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ କରିବାର ଉପକାର ଏବଂ ଆର୍ଗିଆକୁ ଉତ୍ସର୍ଗ କରିବାର ସଠିକ୍ ଉପାୟ ।

ସକାଳେ ଉଦୟ ସୂର୍ଯ୍ୟଙ୍କୁ ଜଳ ପ୍ରଦାନ କରିବା ସର୍ବୋତ୍ତମ ବୋଲି ବିବେଚନା କରାଯାଏ, ତେଣୁ ସୂର୍ଯ୍ୟୋଦୟକୁ କେବଳ ସକାଳେ ଜଳ ପ୍ରଦାନ କରିବା ସର୍ବୋତ୍ତମ ବୋଲି ବିବେଚନା କରାଯାଏ । ସକାଳେ ଅର୍ଘ୍ୟ ଅର୍ପଣ କରିବା ସୂର୍ଯ୍ୟଙ୍କ ଜୀବନରେ ସକାରାତ୍ମକ ଲାଭ ଆଣିଥାଏ । ଏକ ତମ୍ବା ପାତ୍ରରୁ ସୂର୍ଯ୍ୟ ଭଗବାନଙ୍କୁ ସର୍ବଦା ଜଳ ଅର୍ପଣ କରାଯିବା ଉଚିତ। ଗୋଟିଏ କଥା ମନେରଖନ୍ତୁ ଯାହା କେବଳ ସକାଳେ ସୂର୍ଯ୍ୟଙ୍କୁ ଜଳ ପ୍ରଦାନ କରିଥାଏ ।

ସକାଳେ ଜଳ ଅର୍ପଣ କରିବା ଲାଭଦାୟକ ବୋଲି ବିବେଚନା କରାଯାଏ । ସକାଳେ, ସୂର୍ଯ୍ୟ ଭଗବାନଙ୍କୁ ଅର୍ଘ୍ୟ ଅର୍ପଣ କରିବା ପରେ, ତିନିଥର ବୁଲାନ୍ତୁ । ଏହା ପରେ, ଭୂମିକୁ ସ୍ପର୍ଶ କର ଏବଂ "ଓମ୍ ସୂର୍ଯ୍ୟାୟ ନମଃ" ମନ୍ତ୍ର ଜପ କର । ଗୋଟିଏ କଥା ମନେରଖନ୍ତୁ ଯାହା ସ୍ନାନ ନ କରି କେବେବି ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରେ ନାହିଁ । ଯେତେବେଳେ ତୁମେ ସୂର୍ଯ୍ୟଙ୍କୁ ଅର୍ଘ ଅର୍ପଣ କର, ତୁମର ଦୁଇ ହାତ ତୁମ ମୁଣ୍ଡ ଉପରେ ରହିବା ଉଚିତ। ଯଦି ଆପଣ ସୂର୍ଯ୍ୟ ଭଗବାନଙ୍କୁ ଅର୍ଘ୍ୟ ଅର୍ପଣ କରିବା ସମୟରେ ନାଲି ରଙ୍ଗର ପୋଷାକ ପିନ୍ଧନ୍ତି, ତେବେ ଏହା ଅଧିକ ଶୁଭ ଅଟେ । ଆହୁରି, ଅର୍ଘ୍ୟ ଅର୍ପଣ କରିବା ସମୟରେ, ପାଣିରେ ରୋଲି, ଲାଲ୍ ଚପଲ ଏବଂ ନାଲି ରଙ୍ଗର ଫୁଲ ମିଶାନ୍ତୁ ।

## ଭଗବାନ ଶିବଙ୍କୁ ଅର୍ପଣ କରନ୍ତୁ ଅପରାଜିତା ଫୁଲ



ଏବେ ଚାଲିଛି ଶ୍ରାବଣ ମାସ। ଯାହାକି ଭଗବାନ ଶିବଙ୍କ ଅତି ପ୍ରିୟ ମାସ। ବିଶ୍ୱାସ ଅଛି, ଏହି ମାସରେ ଭଗବାନ ଶିବ କୈଳାସ ପର୍ବତ ଛାଡ଼ି ମର୍ତ୍ତ୍ୟପୁରକୁ ଆସିଥାନ୍ତି। ଆଉ ଭକ୍ତମାନେ ଯାହା ମାନସିକ କରିଥାନ୍ତି ତାହା ସଙ୍ଗେ ସଙ୍ଗେ ପୂରଣ କରିଥାନ୍ତି। ବିଶେଷକରି ଏହି ମାସରେ କାଉଡ଼ି ଯାତ୍ରା ଆରମ୍ଭ ହୋଇଥାଏ। ଶ୍ରଦ୍ଧାଳୁମାନେ ପାଣିଭାର ନେଇ ଶିବଙ୍କୁ ଜଳାଭିଷେକ କରନ୍ତି ।ବିଶ୍ୱାସ ରହିଛି ଶ୍ରାବଣ ମାସର ବୁଧବାର ଭଗବାନ ଶିବଙ୍କୁ ଅପରାଜିତା ଫୁଲ ଅର୍ପଣ କଲେ ଅନେକ ସମସ୍ୟା ଦୂର ହୋଇଥାଏ। କାରଣ ଏହି ଫୁଲ ଶିବଙ୍କର ପ୍ରିୟ ଫୁଲମାନଙ୍କ ମଧ୍ୟରୁ ଗୋଟିଏ। ଏହି ଫୁଲ ଗୋକର୍ଣ୍ଣ ଏବଂ ଶଙ୍ଖପୁଷ୍ପ ନାମରେ ମଧ୍ୟ ଜଣାଶୁଣା। ବୁଧବାର ଏହି ଫୁଲ ଶିବଙ୍କୁ ଅର୍ପଣ କଲେ ବୁଦ୍ଧି ଏବଂ ଏକାଗ୍ରତା ବଢ଼ିଥାଏ। ବେପାର ବଣିଜ ପାଇଁ ନୂଆ ମାର୍ଗ ଖୋଲିଯାଏ। ଭଗବାନ ଭୋଳାନାଥଙ୍କ କୃପା ପାଇବା ପାଇଁ ଅପରାଜିତା ଫୁଲ ଅର୍ପଣ କରିବାକୁ ଆଦୌ ଭୁଲନ୍ତୁ ନାହିଁ।



# ହିନ୍ଦୁ ଧର୍ମରେ ଗର୍ଭାଧାନ ସଂସ୍କାର

ହିନ୍ଦୁ ଧର୍ମରେ ବିଭିନ୍ନ ସଂସ୍କାର ରହିଛି। ସେଥିମଧ୍ୟରୁ ପ୍ରଥମ ହେଉଛି ଗର୍ଭାଧାନ ସଂସ୍କାର। ଏହିଠାରୁ ଶିଶୁର ନିର୍ମାଣ ହୋଇଥାଏ। ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପରେ ଦମ୍ପତିଙ୍କୁ ପୁତ୍ର ଉତ୍ପନ୍ନ କରିବାର ମାନ୍ୟତା ଦିଆଯାଇଛି। ତେଣୁ ଶାସ୍ତ୍ରରେ କୁହାଯାଇଛି ଯେ, ଉତ୍ତମ ସନ୍ତାନପ୍ରାପ୍ତି ନିମନ୍ତେ ସର୍ବପ୍ରଥମେ ଗର୍ଭାଧାନ ସଂସ୍କାର କରିବା ଉଚିତ୍। ପିତୃ ଋଣରୁ ମୁକ୍ତି ପାଇବା ପରେ ସନ୍ତାନ ଉତ୍ପନ୍ନ ସଂସ୍କାର ବ୍ୟବସ୍ଥା ରହିଛି। ଏହି ସଂସ୍କାରରେ ଗର୍ଭ ସମ୍ବନ୍ଧିତ ମଳିନତା ପ୍ରଭୃତି ଦୋଷ ଦୂର ହୋଇଥାଏ। ଯାହାଫଳରେ ଉତ୍ତମ ସନ୍ତାନ ପ୍ରାପ୍ତି ହୋଇଥାଏ। ମାତା-ପିତାଙ୍କ ସଂଯୋଗରେ ସନ୍ତାନର ଉତ୍ପତ୍ତି ହୋଇଥାଏ ଏବଂ ଏହି ସଂଯୋଗକୁ ଗର୍ଭାଧାନ ସଂସ୍କାର ବୋଲି ହିନ୍ଦୁ ଧର୍ମର ସଂସ୍କାର ପର୍ବରେ ପ୍ରାରମ୍ଭରେ କୁହାଯାଇଛି। ଗର୍ଭସ୍ଥାପନ ପରେ ଅନେକ ପ୍ରକାର ପ୍ରାକୃତିକ ପ୍ରବୃତ୍ତି ଆକ୍ରମଣ କରିଥାଏ, ଯେଉଁଥିରୁ ରକ୍ଷା ପାଇବା ପାଇଁ ଏହି ସଂସ୍କାର ବ୍ୟବସ୍ଥା ରହିଛି। ମାତା-ପିତାଙ୍କ ବିଚାରଧାରା ସହିତ ଗର୍ଭସ୍ଥ ଶିଶୁ ଉପରେ ପ୍ରଭାବ ପକାଇଥାଏ। ମାତା-ପିତାଙ୍କ ମାଦକ ଦ୍ରବ୍ୟ ସେବନ, ଦୂଷିତ ମାନସିକତା ପ୍ରଭୃତିର ପ୍ରଭାବ ଶିଶୁ ଉପରେ ପଡ଼ିଥାଏ। ଦାମ୍ପତ୍ୟ ଜୀବନର ଶ୍ରେଷ୍ଠ ଉଦ୍ଦେଶ୍ୟ ସର୍ବ ଗୁଣାବଳୀ, ସ୍ୱାସ୍ଥ୍ୟବାନ, ଚରିତ୍ରବାନ ଏବଂ ଯଶସ୍ୱୀ ସନ୍ତାନ ପ୍ରାପ୍ତ କରିବା। ଏଥିପାଇଁ ଗର୍ଭାଧାନ ସଂସ୍କାର ଉପରେ ଧ୍ୟାନ ରଖିବା ଜରୁରୀ ଅଟେ। ଗୁଣବାନ ସନ୍ତାନ ଉତ୍ପନ୍ନ ପାଇଁ ମାତା-ପିତାଙ୍କୁ ବିଚାରପୂର୍ବକ କର୍ମ କରିବା ଆବଶ୍ୟକ। ଶ୍ରେଷ୍ଠ ସନ୍ତାନ ପ୍ରାପ୍ତିପାଇଁ ବିଭିନ୍ନ ବିଧି ବିଧାନ ରହିଛି। ଏଥିପାଇଁ ମାତା-ପିତାଙ୍କୁ ଶାରୀରିକ ଏବଂ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ। କାରଣ ତାଙ୍କର ଆସୁଥିବା ସନ୍ତାନଟି ତାଙ୍କ ଆତ୍ମାର ପ୍ରତିରୂପ ଅଟେ। ସେଥିପାଇଁ ପୁତ୍ରକୁ ଆତ୍ମା ଏବଂ ପୁତ୍ରୀକୁ ଆତ୍ମଜା କୁହାଯାଏ। ଗର୍ଭାଧାନ ବିଷୟରେ ହିନ୍ଦୁ ଧର୍ମଶାସ୍ତ୍ରର ସ୍ମୃତିସଂଗ୍ରହରେ ଉଲ୍ଲେଖ ରହିଛି।



# କ୍ଷଣିକରେ ମହାଭାରତର ଯୁଦ୍ଧ ଶେଷ କରିଥାନ୍ତେ ବର୍ବରିକ୍



ଧର୍ମ ଓ ଅଧର୍ମ ମଧ୍ୟରେ ହୋଇଥିଲା ମହାଭାରତ ଯୁଦ୍ଧ । ଏହି ଯୁଦ୍ଧ ୧୮ ଦିନ ଧରି ଚାଲିଥିଲା ଏବଂ ଏଥିରେ ପ୍ରାୟ ଲକ୍ଷ ଲକ୍ଷ ସୈନ୍ୟ ପ୍ରାଣ ହରାଇଥିଲେ । ମହାଭାରତ ଯୁଦ୍ଧରେ ଜଣେ ଏପରି ଯୋଦ୍ଧା ଥିଲେ ଯିଏକି କେବଳ ୩ଟି ବାଣରେ କୁରୁକ୍ଷେତ୍ରରେ ଯୁଦ୍ଧ ଶେଷ କରିପାରିଥାନ୍ତେ । କିନ୍ତୁ ସେ ଯୁଦ୍ଧ କରିନଥିଲେ। ଏହି ଯୋଦ୍ଧା ଆଉ କେହି ନୁହଁନ୍ତି ସେ ହେଉଛନ୍ତି ଭୀମଙ୍କ ନାତି ତଥା ଘଟୋତ୍କଚୋଙ୍କ ପୁଅ ବର୍ବରିକ୍ ।ସେ ଦିବ୍ୟଶକ୍ତି ହାସଲ କରିଥିଲେ। ପୌରାଣିକ କଥା ଅନୁଯାୟୀ, ବର୍ବରିକଙ୍କ ପାଖରେ ୩ଟି ଏପରି ବାଣ ଥିଲା ଯେଉଁଥିରେ ପୁରା ସେନା ମାତ୍ର ଗୋଟିଏ କ୍ଷଣରେ ଶେଷ ହୋଇଯାଇଥାନ୍ତା । ବର୍ବରିକ୍ ଏହି ୩ଟି ବାଣରେ ୩ଲୋକକୁ ଜିତିପାରିଥାନ୍ତେ । ତାଙ୍କ ପାଖରେ ୩ଟି ଅମୋଘ ବାଣ ମଧ୍ୟ ଥିଲା ଯବର୍ବରିକ ଯୁଦ୍ଧ କରିବାକୁ ଚାହୁଁଥିଲେ କିନ୍ତୁ ଶ୍ରୀକୃଷ୍ଣଙ୍କୁ ଜଣାଥିଲା ଯେ ଯଦି ବର୍ବରିକ ଏହି ଯୁଦ୍ଧରେ ସାମିଲ୍ ହୁଅନ୍ତି ତେବେ ଯୁଦ୍ଧର ପରିଣାମ ଓଲଟା ହୋଇଯିବ । ଏଥିପାଇଁ ଶ୍ରୀକୃଷ୍ଣ ବ୍ରାହ୍ମଣ ବେଶରେ ବର୍ବରିକଙ୍କ ପାଖରେ ପହଞ୍ଚି ଭିକ୍ଷା ମାଗିଥିଲେ ।ଯେତେବେଳେ ବର୍ବରିକ ଭିକ୍ଷାରେ କଣ ଦରକାର ବୋଲି ବ୍ରାହ୍ମଣଙ୍କୁ ପଚାରିଥିଲେ ।ସେତେବେଳେ ଶ୍ରୀକୃଷ୍ଣ ତାଙ୍କୁ ତାଙ୍କର ମୁଣ୍ଡ ମାଗିଥିଲେ ।ଆଉ ବର୍ବରିକ୍ ଆଶ୍ଚର୍ଯ୍ୟ ହୋଇ ବ୍ରାହ୍ମଣଙ୍କୁ ତାଙ୍କର ପରିଚୟ ପଚାରିଥିଲେ ।ଏହାପରେ ଶ୍ରୀକୃଷ୍ଣ ନିଜ ବାସ୍ତବ ରୂପକୁ ଫେରିଥିଲେ ଏବଂ ବର୍ବରିକ୍ କୃଷ୍ଣଙ୍କର ସାକ୍ଷାତ ପାଇ ନିଜ ମୁଣ୍ଡକୁ ସମର୍ପଣ କରିଦେଇଥିଲେ ।କିନ୍ତୁ ବର୍ବରିକ୍ଙ୍କ କଟାମୁଣ୍ଡ ଶ୍ରୀକୃଷ୍ଣଙ୍କ ବରଦାନରୁ ମହାଭାରତର ପୁରା ଯୁଦ୍ଧ ଦେଖିଥିଲେ। କଳିଯୁଗରେ ବର୍ବରିକ୍ଙ୍କର ପୂଜା କରାଯିବା ନେଇ ଶ୍ରୀକୃଷ୍ଣ ବରଦାନ ଦେଇଥିଲେ। ଆଉ ବର୍ବରିଙ୍କର ବର୍ତ୍ତମାନ ଖଟୁଶ୍ୟାମ ଭାବେ ପୂଜା ପାଉଛନ୍ତି।



## ପ୍ରତିଦିନ ଗୋଟିଏ କଦଳୀ ଖାଆନ୍ତୁ : ବୁଦ୍ଧି ବଢ଼ାନ୍ତୁ, ଓଜନ କମାନ୍ତୁ

ପୋଟାସିୟମର ଉତ୍କୃଷ୍ଟ ଉପାଦାନ ରହିଥିବା କଦଳୀ ସ୍ୱାସ୍ଥ୍ୟକର ହେବା ସହ ଆମ ଶରୀର ପକ୍ଷେ ମଧ୍ୟ ହିତକର କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ। କଦଳୀକୁ ସବୁଠୁ ସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ



ଭାବେ ଗଣାଯାଇଥାଏ । ଯଦି ଆପଣ ନିଜ ଓଜନ କମାଇବାକୁ ଚାହୁଁଛନ୍ତି ତେବେ ଆପଣଙ୍କୁ କଦଳୀ ଖାଇବା ଉଚିତ୍। ଗୋଟିଏ କଦଳୀରେ ୩ଗ୍ରାମ୍ ଫାଇବର ଏବଂ ୧୦୦କ୍ୟାଲୋରୀ ରହିଥାଏ ଏଥିପାଇଁ କଦଳୀକୁ ସବୁଠୁ ଉତ୍କୃଷ୍ଟ ହାଲୁକା ଭୋଜନ ଭାବେ ଗ୍ରହଣ କରିବା ଉଚିତ୍। କଦଳୀ ଖାଇବା ଦ୍ୱାରା ଆପଣଙ୍କ ପେଟ ମଧ୍ୟ ଭର୍ତ୍ତି ହେବା ଭଳି ଲାଗିଥାଏ ଏବଂ ଏହା ଭୋକକୁ ନିୟନ୍ତ୍ରଣ କରିଥାଏ। ଆପଣମାନେ ଜାଣିଥିବେ କଦଳୀରେ ପୋଟାସିୟମ୍ ଏବଂ ମାଗ୍ନେସିୟମ୍ ପ୍ରଚୁର ମାତ୍ରାରେ ରହିଛି। କଦଳୀରୁ ଶକ୍ତି ଧୀରେ ଧୀରେ ବାହାରିଥାଏ ଯାହା ଦ୍ୱାରା ଆମ ମସ୍ତିଷ୍କ ସଚେତନ ହୋଇଥାଏ। କଦଳୀ ମସ୍ତିଷ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। କଦଳୀରେ ଟ୍ରିପ୍ଟୋଫାନ୍ ରହିଛି ଯାହା ଆଗକୁ ଯାଇ ସେରେଟୋନିନରେ ପରିଣତ ହୋଇଥାଏ ଏବଂ ମସ୍ତିଷ୍କରେ ସେରେଟୋନିନର ଅଭାବ ଯୋଗୁଁ ଅବସାଦ ଏବଂ ଉଦବେଗ ଏବଂ ବିତୃଷ୍ଣା ଭାବ ସୃଷ୍ଟି ହୋଇଥାଏ। ଏଥିପାଇଁ ଉତ୍ତମ ମାନସିକ ସ୍ୱାସ୍ଥ୍ୟ ପାଇଁ ଏବଂ ଅବସାଦରୁ ମୁକ୍ତି ପାଇବା ପାଇଁ କଦଳୀ ଖାଇବା ଉଚିତ୍। କଦଳୀ ଶରୀରରେ କ୍ୟାଲସିୟମକୁ ଶୋଷିତ କରିବାରେ ସାହାଯ୍ୟ କରିଥାଏ। କ୍ୟାଲସିୟମ୍ ଶରୀରରେ ପହଞ୍ଚିଲେ ହାଡ଼ ମଜବୁତ କରିଥାଏ। ଶରୀରରେ ଜରୁରୀ ପୋଷକ ତତ୍ୱ ଏବଂ ଫାଇବରର ସ୍ଥାନ ପୂରଣ କରିବା ପାଇଁ ଦିନକୁ ଗୋଟିଏ କଦଳୀ ନିୟମିତ ଖାଇବା ଉଚିତ୍। ଆପଣ ବ୍ୟାୟାମ କରିବା ପୂର୍ବରୁ କିମ୍ବା ବ୍ୟାୟାମ କରିବା ପରେ କଦଳୀ ଖାଇପାରିବେ।

# ଗଭୀର ଅବପାତ ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା

**ଭୁବନେଶ୍ୱର, ୨୮।୭ (ମହାଭାରତ):** ଉତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଜନିତ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ବିଭାଗର ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ। ଲୋକସେବା ଭବନସ୍ଥିତ ରାଜସ୍ୱ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ସେ ଜିଲ୍ଲାଭିତିକ ପ୍ରସ୍ତୁତିର ଆକଳନ କରିବା ସହ ସମସ୍ତ ଜିଲ୍ଲା ପ୍ରଶାସନକୁ ଚବିଶ ଘଂଟିଆ ସତର୍କତା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ମନ୍ତ୍ରୀ କହିଥିଲେ ଯେ, ଜନସାଧାରଣଙ୍କ ଜୀବନର ସୁରକ୍ଷା ଆମର ସର୍ବାଧିକ ପ୍ରାଥମିକତା । ଆବଶ୍ୟକତା ଅନୁଯାୟୀ ବିପଦପୂର୍ଣ୍ଣ ଅଂଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ରନ୍ଧା ଖାଦ୍ୟ, ଶୁଖିଲା ରାସନ, ପାନୀୟ ଜଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ରିଲିଫ ସାମଗ୍ରୀର ଯଥେଷ୍ଟ ବ୍ୟବସ୍ଥା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ଜରୁରୀକାଳୀନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଯେକୌଣସି ପରିସ୍ଥିତିର ତ୍ୱରିତ ମୁକାବିଲା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।



ମୟୂରଭଞ୍ଜ, ଜଗତସିଂହପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କଳାହାଣ୍ଡି ଏବଂ ସୁନ୍ଦରଗଡ଼ ଆଦି ଜିଲ୍ଲାମାନଙ୍କର ଜିଲ୍ଲାପାଳ ତଥା ବରିଷ୍ଠ ପଦାଧିକାରୀବୃନ୍ଦ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବୈଠକରେ ଯୋଗଦେଇ ନିଜ ନିଜ ଅଂଚଳର ପ୍ରସ୍ତୁତି ଓ ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାର ପ୍ରସ୍ତୁତିର ସମୀକ୍ଷା କରି ସମ୍ଭାବ୍ୟ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକ ଉପରେ ନିରନ୍ତର ନଜର ରଖିବା ସହ ଆବଶ୍ୟକ ସ୍ଥଳରେ ତୁରନ୍ତ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଗଭୀର ଅବପାତ ଉତର-ଉତରପଶ୍ଚିମ ଦିଗକୁ ଗତି କରି ଜୁଲାଇ ୨୭ ତାରିଖ ଅପରାହ୍ନରେ ଓଡ଼ିଶାର ବାଲେଶ୍ୱର ଓ ପଶ୍ଚିମବଙ୍ଗର କ୍ୟାନିଂ ମଧ୍ୟରେ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ ଏବଂ କନ୍ଧମାଳ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ଷ୍ଟେଟ ଇମର୍ଜେନ୍ସି ଅପରେସନ୍ ସେଂଟର ସମସ୍ତ ଡିଷ୍ଟ୍ରିକ୍ଟ ଇମର୍ଜେନ୍ସି ଅପରେସନ୍ ସେଂଟର ଏବଂ ସମ୍ପୃକ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରି ଚବିଶ ଘଂଟିଆ ଭିତିରେ ପରିସ୍ଥିତି ଉପରେ ନଜର ରଖିଛି। ଜୁଲାଇ ୧ ତାରିଖରୁ ରାଜ୍ୟରେ ମୋଟ ୫୧୭.୬ ମିଲିମିଟର ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ ହାର ତୁଳନାରେ ୭୫.୭ ପ୍ରତିଶତ ଅଧିକ। ସମୀକ୍ଷା ସମୟରେ ଏହା ଆକଳନ କରାଯାଇଥିଲା ଯେ, ରାଜ୍ୟର ସମସ୍ତ ପ୍ରମୁଖ ନଦୀ ବର୍ତ୍ତମାନ ବିପଦ ସ୍ତରରୁ ତଳେ ପ୍ରବାହିତ ହେଉଛି ଏବଂ ଏପର୍ଯ୍ୟନ୍ତ କୌଣସି ଜିଲ୍ଲାରୁ ବଡ଼ ଧରଣର ବର୍ଷାଜନିତ କ୍ଷୟକ୍ଷତିର ସୂଚନା ମିଳିନାହିଁ। ରାଜ୍ୟର ସାମଗ୍ରିକ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ଏବଂ ଏହା ଉପରେ ନିରନ୍ତର ନଜର ରଖାଯାଉଛି। ସମସ୍ତ ଜିଲ୍ଲା ପ୍ରଶାସନକୁ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା, ସ୍ଥାନୀୟ ଜଳଜମା ଓ ଜଳବନ୍ଦୀ ସ୍ଥିତିର ତ୍ୱରିତ ମୁକାବିଲା କରିବା ସହ ଆବଶ୍ୟକ ସ୍ଥଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ଦେବାକୁ କୁହାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ଜୁଲାଇ ୨୯ ତାରିଖ ପର୍ଯ୍ୟନ୍ତ ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳକୁ ମାଛ ଧରିବା ପାଇଁ ନ ଯିବାକୁ ପରାମର୍ଶ ଦିଆଯାଇଛି। ସମୀକ୍ଷା ବୈଠକରେ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ପଦ୍ମନାଭ ବେହେରା ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ପୌର ଚିକିତ୍ସାଳୟରେ ମିଳୁନାହିଁ ଉନ୍ନତ ମାନର ଚିକିତ୍ସା

**ଖୋର୍ଦ୍ଧା, ୨୮।୭ (ମହାଭାରତ):** ବିଗତ ଦିନରେ ଭୁବନେଶ୍ୱର ବଣ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା ଜନ ସାଧାରଣ ଚିକିତ୍ସାଳୟ ଅଭାବରୁ ଚିକିତ୍ସାରୁ ବଂଚିତ ହେଉଥିଲେ । ସେହି ସମୟରେ ଭୁବନେଶ୍ୱର ଓ ଏହାର ଆଖପାଖ ଚିନ୍ତାଶୀଳ ଜନନାୟକମାନଙ୍କ ଦ୍ୱାରା ୧୯୪୬ ମସିହାରେ ଜନ୍ମ ଲାଭ କଲା ପୌର ଚିକିତ୍ସାଳୟ। ପୌର ଚିକିତ୍ସାଳୟରେ ସୁନାମ ଅର୍ଜିତ ଚିକିତ୍ସକଙ୍କ ଦ୍ୱାରା ଜନସାଧାରଣ ଚିକିତ୍ସା କ୍ଷେତ୍ରରେ ଅଭୂତପୂର୍ବ ଉପକାର ପାଇପାରିଲେ।ବିଗତ ଦିନରେ ୫୦-୧୦୦ କିଲୋମିଟର ରୁ ଅଂଚଳବାସୀ ଏତେ ଅଧିକ ପରିମାଣର ରୋଗୀ ଆସୁଥିଲେ ଯେ ବେଡ୍ ଅଭାବରୁ ତଳେ ପଟାଳି ଭଳି ପଡି ରହି ସୁସ୍ଥ ହୋଇ ଫେରି ଯାଉଥିଲେ। ପୌର ଚିକିତ୍ସାଳୟରେ ୧୦୭ ଶଯ୍ୟା ଥିଲା ବେଳେ ବର୍ତ୍ତମାନ ତାହା ୫୭କୁ ଖସି ଆସିଛି। ସୂଚନା ଅଧିକାର ତଥ୍ୟ ଅନୁଯାୟୀ ପୌର ଚିକିତ୍ସାଳୟରେ ୪୫ ଡାକ୍ତର ସ୍ଥାନରେ ନଅ ଜଣ ଡାକ୍ତର ଅଛନ୍ତି। ୨୪ ଘଂଟାରୁ ୪ ଘଂଟା ଡାକ୍ତରଖାନା ଖୋଲୁଛି। ଜଣେ ଡାକ୍ତର ବାକି ୨୦ ଘଂଟା ଚିକିତ୍ସା କରି ଡାକ୍ତରଖାନାକୁ ସମ୍ଭାଳୁଛନ୍ତି। ତେଣୁ ସେହି ପରିମାଣରେ କର୍ମଚାରୀ, ନର୍ସ, ଯନ୍ତ୍ରପାତି ଓ ଔଷଧ ରହିଛି। ମହାପ୍ରଭୁ ଲିଙ୍ଗରାଜ ମନ୍ଦିର ନିକଟରେ ଥିବା ପୌର ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିବା ପାଇଁ କେତେକ ଅଦୂରଦର୍ଶୀ ବ୍ୟକ୍ତି ଆଠ କୋଟି ଟଙ୍କା ଧରି ଜାଗା ଖୋଜୁଛନ୍ତି। ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ, ପୌର ଚିକିତ୍ସାଳୟକୁ ଲାଗି ସୁଭଦ୍ରା ମହତାବ ବାଳିକା ବିଦ୍ୟାଳୟ। ଏହି ବାଳିକା ବିଦ୍ୟାଳୟର ଛାତ୍ରଛାତ୍ରୀ ବି ଏମ୍ ହାଇସ୍କୁଲକୁ ସ୍ଥାନାନ୍ତରିତ କରାଯାଇଛି। ବର୍ଷ ବର୍ଷ ଧରି ଭୁତକୋଠି ଭଳି ପଡି ରହିଛି ବାଳିକା ବିଦ୍ୟାଳୟ। ଯଦି ସୁଭଦ୍ରା ମହତାବ ହାଇସ୍କୁଲକୁ ପୌର ଚିକିତ୍ସାଳୟରେ ସାମିଲ କରାଯାଏ, ତେବେ ସବୁ ସମାସ୍ୟାର ସମାଧାନ ଘଟନ୍ତା ବୋଲି ୪୬ ମାସ ଧରି ଶାନ୍ତି ପୂର୍ଣ୍ଣ ଧାରଣା ଦେଇଥିବା ନୀଳମଣି ମିଶ୍ର କହିଛନ୍ତି।

# ଓଜେସିରେ ଯୋଗଦେଲେ କଂଗ୍ରେସ କର୍ମୀ



**ଭୁବନେଶ୍ୱର, ୨୮।୭ (ମହାଭାରତ):** ଓଡ଼ିଶା ଜନତା କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ବାଲେଶ୍ୱର ଜିଲ୍ଲାର ଟାଣୁଆ ଯୁବନେତା ତଥା ପୂର୍ବତନ ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ ସଭାପତି ଅରିଜିତ ଘୋଷାଲ ନିଜର ଶତାଧିକ ସମର୍ଥକଙ୍କ ସହ ଓଜେସିରେ ବିଧିବଦ୍ଧ ଭାବରେ ଯୋଗଦାନ କରିଛନ୍ତି । ଏହି ମିଶ୍ରଣ ପର୍ବରେ ଓଜେସି ସଭାପତି ଇଂ ମହମ୍ମଦ ମୋକିମ୍ ଉପସ୍ଥିତ ରହି ଶ୍ରୀ ଘୋଷାଲ ଏବଂ ତାଙ୍କର ସମର୍ଥକମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିବା ସହିତ ତାଙ୍କ ଭଳି ଯୁବ ନେତୃତ୍ୱଙ୍କ ଯୋଗଦାନ ବାଲେଶ୍ୱର ଜିଲ୍ଲାରେ ଓଜେସିକୁ ତୃଣମୂଳ ସ୍ତରରୁ ମଜବୁତ କରିବ ବୋଲି ଆଶା ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ଶ୍ରୀ ଘୋଷାଲ ଜଣେ ଲଢୁଆ ଯୁବନେତା ଏବଂ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସମସ୍ୟାକୁ ନେଇ ସ୍ୱର ଉତୋଳନ କରିବା ସହିତ ଅତୀତରେ ଭୁବନେଶ୍ୱରକୁ ପଦଯାତ୍ରା ମାଧ୍ୟମରେ ଆସି ସରକାରଙ୍କ ପାଖରେ ଜନତାଙ୍କ ଦାବି ଉପସ୍ଥାପନ କରିଥିଲେ । ଏଭଳି ଯୁବ ନେତୃତ୍ୱଙ୍କୁ ଦଳରେ ପାଇ ଆମେ ଖୁସି ଏବଂ ଆଗାମୀ ଦିନରେ ତାଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲ୍ଲାରେ ସଂଗଠନ ଅଧିକ ମଜବୁତ ହେବ ବୋଲି ଆଶାବାଦୀ। ଶ୍ରୀ ଘୋଷାଲ ସାମ୍ବାଦିକ ମାନଙ୍କୁ ସମ୍ବୋଧନ କରିବା ଅବସରରେ କହିଥିଲେ ଯେ, ଓଜେସିର ବିଚାରଧାରାରେ ଆକୃଷ୍ଟ ହୋଇ ଏବଂ ସଭାପତି ଶ୍ରୀ ମୋକିମଙ୍କ ନେତୃତ୍ୱ ପ୍ରତି ଅନୁପ୍ରାଣିତ ହୋଇ ନୂଆ ଆଞ୍ଚଳିକ ଦଳରେ ଯୋଗଦାନ କରିଛନ୍ତି। ନିକଟ ଭବିଷ୍ୟତରେ ବାଲେଶ୍ୱର ଜିଲ୍ଲାର କୋଣଅନୁକୋଣରୁ ହଜାର ହଜାର ସାଧାରଣ ଜନତା ଓ କର୍ମୀ ଓଜେସିରେ ଯୋଗଦାନ କରିବା ସହିତ ସଭାପତିଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲାର ପୌରନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହେବ ।

# ଫେବୃଆରୀ ୨୦ ପର୍ଯ୍ୟନ୍ତ ବିଜେପିର ସମରସ ସଂକଳ୍ପ ଅଭିଯାନ




**ଭୁବନେଶ୍ୱର, ୨୮।୭ (ମହାଭାରତ):** ଆଧ୍ୟାତ୍ମିକବାଦୀ କବି ସନ୍ଥ ଶିରୋମଣି ଗୁରୁ ରବି ଦାସ ୧୫ରୁ ୧୬ତମ ଶତାବ୍ଦୀର ଜାତିଭେଦ ଭାବ ମୁକ୍ତ ସମାଜର ପ୍ରତୀକ ଥିଲେ । ଆଧ୍ୟାତ୍ମିକ ଏବଂ ଭକ୍ତି ମାର୍ଗରେ ଚାଲିବା ସମୟରେ ସନ୍ଥ ରବି ଦାସ କର୍ମ ଉପରେ ଗୁରୁତ୍ୱ ଦେଉଥିଲେ । ସେ ଜଣେ ମହାନ ସନ୍ଥ ଓ କବି ହେବା ସହ ସମାଜ ସଂସ୍କାରକ ଏବଂ ଭଗବାନଙ୍କ ଅନୁଗାମୀ ଥିଲେ । ସମାଜରୁ ଅସ୍ପୃଶ୍ୟତା, ଉଚ୍ଚନୀଚ ଭେଦଭାବ, ଛୁଆଁ, ଅଛୁଆଁ ଆଦି ଦୂର କରିବା ପାଇଁ ସେ ନିରନ୍ତର ଉଦ୍ୟମ କରୁଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଆହ୍ୱାନକ୍ରମେ ସନ୍ଥ ଶିରୋମଣି ଶ୍ରୀ ଗୁରୁ ରବିଦାସ ମହାରାଜଙ୍କ ୬୫୦ତମ ଜୟନ୍ତୀ ବର୍ଷ ଆସନ୍ତା ୨୯ ଜୁଲାଇ ୨୦୨୬ (ଗୁରୁ ପୂର୍ଣ୍ଣିମା) ଠାରୁ ୨୦ ଫେବୃଆରୀ ୨୦୨୭ (ଶ୍ରୀ ଗୁରୁ ରବିଦାସ ମହାରାଜ ଜୟନ୍ତୀ) ପର୍ଯ୍ୟନ୍ତ ଦ'ଶ୍ରୀ ଗୁରୁ ରବିଦାସ ମହାରାଜ ସମରସ ସଂକଳ୍ପ ଅଭିଯାନ' ଦେଶବ୍ୟାପୀ ପାଳନ କରାଯିବ। ଏନେଇ ରାଜ୍ୟ କାର୍ଯ୍ୟାଳୟରେ 'ସମରସ ସଂକଳ୍ପ ଅଭିଯାନ'ର ପ୍ରଦେଶସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସନ୍ଥ ରବି ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ଭାବନା ଓ ସେ ଦେଇଥିବା ମାର୍ଗଦର୍ଶନ କିପରିଭାବେ ସମସ୍ତଙ୍କ ପାଖରେ ପହଂଚିବ ସେନେଇ କର୍ମଶାଳାରେ ରୂପରେଖ ପ୍ରସ୍ତୁତ ହେବା ସହ ବିସ୍ତୃତ ଆଲୋଚନା ହୋଇଥିଲା । ଗୁରୁ ରବିଦାସଜୀଙ୍କ ଜନ୍ମସ୍ଥଳୀ କାଶୀରୁ ଏହି ଅଭିଯାନର ଶୁଭାରମ୍ଭ ହେବ । ତାଙ୍କ ଜନ୍ମସ୍ଥଳୀରୁ କଳସରେ ମାଟି ଆଣି ଦେଶର ବିଭିନ୍ନ ରାଜ୍ୟକୁ ନିଆଯିବ । ସେହି ମାଟିକୁ ବିଭିନ୍ନ କଳସରେ ଭରି ରାଜ୍ୟର ସବୁ ମଣ୍ଡଳକୁ ନିଆଯିବ । ଏହି ଅଭିଯାନ ଅଧୀନରେ ବିଭିନ୍ନ ଧାର୍ମିକ, ସାମାଜିକ, ସାଂସ୍କୃତିକ ଏବଂ ଜନସମ୍ପର୍କମୂଳକ କାର୍ଯ୍ୟକ୍ରମ କରାଯିବ । ଏଥିରେ ବହୁ ସଂଖ୍ୟାରେ ସାଧୁ ସନ୍ଥମାନେ ସାମିଲ ହେବେ । ଶ୍ରୀ ଗୁରୁ ରବିଦାସ ମହାରାଜଙ୍କ ଜୀବନ, ଦର୍ଶନ, ସମାନତା, ଭକ୍ତି, ସେବା, ସାମାଜିକ ନ୍ୟାୟ ଓ ମାନବତାର ବାର୍ତ୍ତାକୁ ସମଗ୍ର ଦେଶରେ ବ୍ୟାପକ ଭାବେ ପ୍ରଚାର କରାଯିବ । ସମାଜରେ ତଳ ସେପାନରେ ରହୁଥିବା ବ୍ୟକ୍ତିଙ୍କ ପାଖରେ ବିଜେପିର କାର୍ଯ୍ୟକର୍ତ୍ତାମାନେ କିପରି ପଂହଚିବେ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା । ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସାଂସଦ ଶ୍ରୀ ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ କେନ୍ଦ୍ରୀୟ କମିଟିର ସଂଯୋଜକ ତଥା ପୂର୍ବତନ ସାଂସଦ ଶ୍ରୀମତୀ ସୁନିତା ଦୁଗଲ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ମୁକେଶ ମହାଲିଙ୍ଗ, ଯାଜପୁର ସାଂସଦ ରବିନାରାୟଣ ବେହେରା, ବିଧାୟକ ରଘୁନାଥ ଜଗଦଲା, ଅଗସ୍ତି ବେହେରା, ରାଜ୍ୟ ସାଧାରଣ ସଂପାଦକ ଶରାଦା ପ୍ରସାଦ ଶତପଥୀ, ରାଜ୍ୟ ସଂପାଦକ ସରୋଜ କର, ଅନୁସୂଚିତ ମୋର୍ଚ୍ଚା ରାଜ୍ୟ ସଭାପତି ବାଇଧର ମଲ୍ଲିକ, ଅନୁସୂଚିତ ଜାତି ମୋର୍ଚ୍ଚା କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ମଲ୍ଲିକ ଓ ଅନୁସୂଚିତ ମୋର୍ଚ୍ଚା ରାଜ୍ୟ ପଦାଧିକାରୀ, ରାଜ୍ୟ ଟୋଲି, ଜିଲ୍ଲା ସଭାପତି ଓ ଜିଲ୍ଲା ଟୋଲିର ସଦସ୍ୟମାନେ ଯୋଗଦେଇଥିଲେ ।

# ସମରେ ୧୦ ମାସର ଶିଶୁର ଜୀବନ ବଂଚାଇଲେ ଡାକ୍ତର

**ଭୁବନେଶ୍ୱର, ୨୮।୭ (ମହାଭାରତ):** ଉଚ୍ଚସ୍ତରୀୟ ଚିକିତ୍ସା ଦକ୍ଷତା ଓ ସମନ୍ୱିତ କାର୍ଯ୍ୟଧାରାର ପରିଚୟ ସ୍ୱରୁପ ସମ୍ ଅଲ୍ଟିମେଟ୍ ମେଡିକେୟାର (ସମମ୍)ର ଡାକ୍ତରମାନେ ଏକ ୧୦ ମାସର ଶିଶୁର ଜୀବନ ସଫଳତାର ସହ ବଂଚାଇଛନ୍ତି। ଶିଶୁଟିର ଡାହାଣ ମୁଖ୍ୟ ଶ୍ୱାସନଳୀ ମଧ୍ୟରେ ଅଟକି ରହିଥିବା ଏକ ଆତ ମଞ୍ଜିକୁ ଜଟିଳ ପ୍ରକ୍ରିୟା ମାଧ୍ୟମରେ ବାହାର କରି ଶିଶୁଟିର ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି ସମ୍ମମ୍ ଡାକ୍ତର। ଶିଶୁଟି ଆତ ମଞ୍ଜିଟିକୁ ଗିଳି ଦେବା ଫଳରେ ଏହା ଶ୍ୱାସନଳୀକୁ ଚାଲିଯିବା ପରେ ଶିଶୁଟିର ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସେ ନିଶ୍ୱାସ ନେବା ପାଇଁ କଷ୍ଟ ଅନୁଭବ କରିଥିଲା। ଏଭଳି ଜଟିଳ ଅବସ୍ଥାରେ ଶିଶୁଟିକୁ ସମ୍ ଅଲଟିମେଟ୍ ମେଡିକେୟାରକୁ ଅଣାଯାଇଥିଲା। ଛାତିର ଏକ୍ସ-ରେ ରୁ ଜଣାପଡ଼ିଥିଲା ଯେ ଡାହାଣ ପାର୍ଶ୍ୱ ଶ୍ୱାସନଳୀରେ ମଞ୍ଜିଟି ଅଟକି ରହିଥିବାରୁ ଡାହାଣ ପାର୍ଶ୍ୱ ଫୁସଫୁସ ସଂପୂର୍ଣ୍ଣ ପ୍ରଭାବିତ ହୋଇଥିଲା। ଏହା ଏକ ସଙ୍କଟାପନ୍ନ ପରିସ୍ଥିତି ସୃଷ୍ଟି କରିବା ଫଳରେ ତୁରନ୍ତ ଚିକିତ୍ସାର ଆବଶ୍ୟକତା ଥିଲା। ସମ୍ ଅଲ୍ଟିମେଟ୍ ମେଡିକେୟାରର କର୍ଣ୍ଣ, ନାସା ଓ ଗଳା (ଇଏନ୍‌ଟି) ଏବଂ ସ୍କଲ୍ ବେସ୍ ସର୍ଜରୀ ବିଭାଗର ସିନିୟର କନ୍‌ସଲଟାଂଟ ଡାକ୍ତର ରାଧାମାଧବ ସାହୁ ଏମର୍ଜେନ୍ସି ରିଜିଡ୍ ବ୍ରୋଙ୍କୋସ୍କୋପି ପ୍ରକ୍ରିୟା ମାଧ୍ୟମରେ ଆତ ମଞ୍ଜିଟିକୁ ଶିଶୁର ଶରୀରରୁ କାଢ଼ିବା ନିମନ୍ତେ ପଦକ୍ଷେପ ନେଇଥିଲେ। ମଞ୍ଜିଟି ଦୃଢ଼ ଭାବେ ଅଟକି ରହିଥିବାରୁ ପ୍ରାରମ୍ଭିକ କେତେକ ପ୍ରୟାସ ବିଫଳ ହୋଇଥିଲେ ମଧ୍ୟ ଶେଷରେ



ଡାକ୍ତର ସାହୁ ସ୍ୱତନ୍ତ୍ର ଅପ୍‌ଟିକାଲ୍ ଫୋର୍ସେପ୍ସ ବ୍ୟବହାର କରି ସଫଳତାର ସହ ମଞ୍ଜିଟିକୁ ବାହାର କରିଥିଲେ। ଏହା ଫଳରେ ଶ୍ୱାସନଳୀର ଅବରୋଧ ତୁରନ୍ତ ଦୂର ହୋଇ ଶିଶୁଟି ସାଧାରଣ ଭାବେ ନିଶ୍ୱାସ ନେବାକୁ ସକ୍ଷମ ହୋଇଥିଲା। ଡାକ୍ତର ସାହୁ କହିଛନ୍ତି ଯେ "୧୦ ମାସର ଶିଶୁଠାରେ ବ୍ରୋଙ୍କୋସ୍କୋପି କରିବା ଶ୍ୱାସନଳୀ ସମ୍ବନ୍ଧୀୟ ଏକ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା। ଆତ ମଞ୍ଜିଟି ଶିଶୁର ଶ୍ୱାସନଳୀ ତୁଳନାରେ ବହୁତ ବଡ଼ ଥିଲା ଏବଂ ଏହାର ଚିକ୍କଣ ପୃଷ୍ଠ ଯୋଗୁଁ ବାହାର କରିବା ଅତ୍ୟନ୍ତ କଷ୍ଟକର ହୋଇଥିଲା। କେତେକ ପ୍ରୟାସ ବିଫଳ ହେବା ପରେ ଧୈର୍ଯ୍ୟ, ଦକ୍ଷତା ଓ ଅପ୍‌ଟିକାଲ୍ ଫୋର୍ସେପ୍ସ ବ୍ୟବହାର କରି ଆମେ ଏହାକୁ ସଫଳତାର ସହ ବାହାର କରିପାରିଥିଲୁ।" ଏହି ସଫଳ ଚିକିତ୍ସାରେ ଆନାସ୍ଥେସିଆ ବିଭାଗର ଡାକ୍ତର ରଞ୍ଜିତ ପତି, ଶିଶୁରୋଗ ବିଭାଗର ଡାକ୍ତର ପ୍ରଦୀପ ଦେ ଓ ଡାକ୍ତର ହିମାଂଶୁଙ୍କ ସମେତ ଏକ ବହୁବିଭାଗୀୟ ଟିମ୍‌ର ସମନ୍ୱିତ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା। ଅସ୍ତ୍ରୋପଚାର ପରେ ଶିଶୁଟି ସୁସ୍ଥ ହୋଇ ବର୍ତ୍ତମାନ ସ୍ଥିର ଅବସ୍ଥାରେ ରହିଛି। ଡାକ୍ତର ସାହୁ ଅଭିଭାବକମାନଙ୍କୁ ଛୋଟ ଶିଶୁମାନଙ୍କୁ ଖାଦ୍ୟ ଖୁଆଇବା ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇ କହିଛନ୍ତି ଯେ ମଞ୍ଜି, ବାଦାମ ଓ ଅନ୍ୟାନ୍ୟ ଛୋଟ ବସ୍ତୁ ଶିଶୁମାନଙ୍କ ହାତ ପାହାନ୍ତାରୁ ଦୂରରେ ରଖିବା ଆବଶ୍ୟକ। ଏଭଳି ବସ୍ତୁ ଅସାବଧାନତାବଶତଃ ଶ୍ୱାସନଳୀକୁ ଚାଲିଗଲେ ଓ ତୁରନ୍ତ ଚିକିତ୍ସା ନ ମିଳିଲେ ତାହା ମାରାତ୍ମକ ହୋଇପାରେ।

# କ୍ରିଷ୍ଣା ଫୁଏଲ ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର, ୨୮।୭ (ମହାଭାରତ):** ପବିତ୍ର ବାହୁଡା ଯାତ୍ରା ଅବସରରେ କ୍ରିଷ୍ଣା ଫୁଏଲ ପକ୍ଷରୁ ନୟାପଲ୍ଲୀ ସ୍ଥିତ କ୍ରିଷ୍ଣା ଫୁଏଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କ୍ରିଷ୍ଣା ଫୁଏଲର ପ୍ରତିଷ୍ଠାତା ପବିତ୍ର ରାଉତରାୟ, ସମ୍ମାନିତ ଅତିଥି ଭାବେ ନୟାପଲ୍ଲୀ ଥାନା ଅଧିକାରୀ ମାନସ କୁମାର ସାହୁ, କର୍ପୋରେଟର ବନ୍ଦିତା ପାଲ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ରାଉତରାୟ କହିଥିଲେ ରକ୍ତଦାନ ଏକ ପୁଣ୍ୟ କାମ, ଏହା ଦ୍ୱାରା ଜଣକ ଜୀବନ ମୃତ୍ୟୁ ମୁଖରୁ ଉଦ୍ଧାର ହୋଇ ପାରୁଛି। ସମସ୍ତେ ରକ୍ତଦାନ କରି ଅନ୍ୟର ଜୀବନ ବ□ାଇ ପାରିଲେ ତାହା ହିଁ ହେବ ଶ୍ରେଷ୍ଠ ସେବା। ଏହି



ଶିବିରରେ କ୍ରିଷ୍ଣା ଫୁଏଲର ୧୫ ଜଣ କର୍ମଚାରୀଙ୍କ ସହିତ ସ୍ଥାନୀୟ ଅ□ଳର ସ୍ୱଚ୍ଛାସେବୀ ଯୁବକମାନେ ରକ୍ତଦାନ କରିଥିଲେ। ଏଥିରେ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଲକ୍ଷ୍ମୀନାରାୟଣ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ଅନ୍ୟମାନେ ସହଯୋଗ କରିଥିଲେ।

# ଶ୍ରମିକ ପେଣ୍ଠସ୍ଥଳୀରେ ଶ୍ରମିକ ପାଠଶାଳା

**ଭୁବନେଶ୍ୱର,୨୮।୭ (ମହାଭାରତ):** ଶ୍ରମିକମାନଙ୍କ ସ୍ୱ-ଶିକ୍ଷା ବୃଦ୍ଧି ନିମନ୍ତେ ଆକ୍ସନଏଡ୍ ଆସୋସିଏସନ ତରଫରୁ ନୟାପଲ୍ଲୀ ଶ୍ରମିକ ପେଣ୍ଠସ୍ଥଳୀରେ ଶ୍ରମିକ ପାଠଶାଳା କାର୍ଯ୍ୟକ୍ରମ



ଆୟୋଜିତ ହୋଇଯାଇଛି। ଆଜିର ଶ୍ରମିକ ପାଠଶାଳାରେ ବିଶେଷ କରି ଶ୍ରମିକଙ୍କ ଅଧିକାର ଓ ଶିଶୁ ଶ୍ରମ ମୁକ୍ତ ଓଡ଼ିଶା ବାବଦରେ ସଚେତନତା କରାଯାଇଥିଲା । ଶିଶୁଙ୍କୁ କାମ ନୁହେଁ - ଶିକ୍ଷାରେ ସାମିଲ ପାଇଁ ଆହ୍ୱାନ ସହ ୧୪ ବର୍ଷରୁ କମ୍ ଶିଶୁଙ୍କୁ କୌଣସି ପ୍ରକାରର ବୃତ୍ତି ଓ ପ୍ରକ୍ରିୟାରେ ତଥା ୧୫ ରୁ ୧୮ ବର୍ଷର କିଶୋରଙ୍କୁ ବିପଦ ଶଙ୍କୁଳ ବୃତ୍ତି ଓ ପ୍ରକ୍ରିୟାରେ ନିୟୋଜିତ ଥିବା ଦୃଷ୍ଟିକୁ ଆସିଲେ ତୁରନ୍ତ ନିକଟସ୍ଥ ଶ୍ରମ କାର୍ଯ୍ୟାଳୟ / ଥାନା / ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଜିଲ୍ଲାପାଳ କିମ୍ବା ୧୦୯୮ (ଚାଇଲ୍ଡ ହେଲ୍ପଲାଇନ) ଓ ୧୮୦୦-୩୪୫୬୭-୦୩ (ନିଶୁଳ୍କ ଶ୍ରମିକ ସହାୟତା) ନମ୍ବରରେ ଯୋଗାଯୋଗ ପାଇଁ ପାଠଶାଳା କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା । ଉକ୍ତ ପାଠଶାଳା କାର୍ଯ୍ୟକ୍ରମରେ ମାନସ ରଞ୍ଜନ ପ୍ରଧାନ, ଶିବ ସାହୁ ଓ ଭାସ୍କର ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ସଚେତନତାର ବାର୍ତ୍ତା ବାଣ୍ଟିଥିଲେ।

# ସୁଶାନ୍ତ ସିଂହ ଥିଲେ ସାଲିସ ବିହୀନ ରାଜନେତା: ବିଜେଡି

**ଭୁବନେଶ୍ୱର, ୨୮।୭ (ମହାଭାରତ):** ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂହଙ୍କ ଦେହାନ୍ତ ହୋଇଛି । ଶଙ୍ଖ ଭବନରେ ତାଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ସ୍ୱର୍ଗତ ଶ୍ରୀ ସୁଶାନ୍ତ ସିଂହଙ୍କ ବିୟୋଗ ବିଜୁ ଜନତା ଦଳ ପାଇଁ ଅପୂରଣୀୟ କ୍ଷତି । ସେ ଜଣେ ସାଲିସ ବିହୀନ ରାଜନେତା ଭାବରେ ବରଗଡ଼ ଜିଲ୍ଲାର ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ କ୍ରମାଗତ ଭାବେ ୩ ଥରର ବିଧାୟକ ଥିଲେ । ଏହାସହିତ କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ପଶ୍ଚିମ ଓଡ଼ିଶାର ଟାଣୁଆ ଜନନେତା ଓ ସୁସଙ୍ଗଠକ ଭାବେ ତାଙ୍କର ପରିଚୟ ରହିଛି । ସେ ଅସୁସ୍ଥ ହୋଇ ଭୁବନେଶ୍ୱର ସ୍ଥିତ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଦେହାନ୍ତ ଘଟିଛି । ସ୍ୱର୍ଗତ ଶ୍ରୀ ସୁଶାନ୍ତ ସିଂହଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶୋକ ପ୍ରକାଶ କରିଥିଲେ । ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ସ୍ୱର୍ଗତ ଶ୍ରୀ ସୁଶାନ୍ତ ସିଂହ ଜଣେ ଦକ୍ଷ ସଂଗଠକ, ଜନପ୍ରିୟ ଜନନେତା ଓ ନିଷ୍ଠାପର ଜନସେବକ ଥିଲେ । ବରଗଡ଼ ଜିଲ୍ଲା ତଥା ପଶ୍ଚିମ ଓଡ଼ିଶାର ବିକାଶ ଓ ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ ସେ ନିଜ ଜୀବନକୁ ସମର୍ପିତ କରିଥିଲେ । ତାଙ୍କର ବିୟୋଗ ବିଜୁ ଜନତା ଦଳ ପାଇଁ, ପଶ୍ଚିମ ଓଡ଼ିଶା ଏବଂ ସମଗ୍ର ରାଜ୍ୟ ନିମନ୍ତେ ଏକ ଅପୂରଣୀୟ କ୍ଷତି । ଦଳକୁ ସୁଦୃଢ଼ କରିବାରେ ତଥା ଲୋକଙ୍କ ସେବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ । ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ଅମର ଆତ୍ମାର ସଦଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଶଙ୍ଖ ଭବନ ଠାରେ ବିଧାୟକ, ବରିଷ୍ଠ ନେତା ଓ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଅର୍ପଣ କରି ସ୍ୱର୍ଗତ ଶ୍ରୀ ସିଂହଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲେ । ଏହି ଅବସରରେ ବରିଷ୍ଠ ଉପସଭାପତି ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ଉପସଭାପତି ଶ୍ରୀ ପ୍ରତାପ ଜେନା, ଉପସଭାପତି ଶ୍ରୀ ପ୍ରଣବ ପ୍ରକାଶ ଦାସ, ଉପସଭାପତି ଶ୍ରୀ ସଞ୍ଜୟ ଦାସବର୍ମା, ଶ୍ରୀମତୀ ସୁଜାତା ରାଉତ, ଭୁବନେଶ୍ୱର ଜିଲ୍ଲା ସଭାପତି ଶ୍ରୀ ଅଶୋକ ପଣ୍ଡା, ବରିଷ୍ଠ ଉପସଭାପତି ଶ୍ରୀ ନିରଞ୍ଜନ ପୂଜାରୀ, ଉପସଭାପତି ଶ୍ରୀ ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ପ୍ରୀତି ରଞ୍ଜନ ଘଡେଇ, ସାଧାରଣ ସମ୍ପାଦକ ଶ୍ରୀ ବିଜୟ ନାୟକ, ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି, ବୌଦ୍ଧ ଜିଲ୍ଲା ସଭାପତି ଶ୍ରୀ ପ୍ରଦୀପ ଅମାତ, ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ପ୍ରଣବ ବଳବନ୍ତରାୟ, ପୂର୍ବତନ ସାଂସଦ ଶ୍ରୀ ମହେଶ ସାହୁ, ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁ, ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ, ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ବିଧାୟକ ଶ୍ରୀ ସୁଶାନ୍ତ ରାଉତ, ବିଧାୟକ ଶ୍ରୀ ଦିବ୍ୟ ଶଙ୍କର ମିଶ୍ର, ବିଧାୟକ ଶ୍ରୀ ଗୌତମ ବୁଦ୍ଧ ଦାସ, ବିଧାୟକ ଶ୍ରୀ ଯୋଗେଶ ସିଂ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ଭାବପୂର୍ଣ୍ଣ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ଶ୍ରୀ ସିଂହ ଲୋକଙ୍କ ଅଗାଧ ଆସ୍ଥା ଓ ଭଲପାଇବା ଅର୍ଜନ କରିଥିଲେ । ଯାହା ଫଳରେ ୨୦୦୯, ୨୦୧୪ ଏବଂ ୨୦୧୯ ମସିହାରେ କ୍ରମାଗତ ଭାବେ ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇଥିଲେ । ଏଥିସହିତ ମନ୍ତ୍ରୀ ମଧ୍ୟ ହୋଇ ବିଭିନ୍ନ ଜନହିତକର ପଦକ୍ଷେପ ଗ୍ରହଣରେ ଉଲ୍ଲେଖନୀୟ ଅବଦାନ ରଖିଥିଲେ । ସମଗ୍ର ରାଜନୈତିକ ଜୀବନରେ ସେ କୃଷକ, ଶ୍ରମିକ, ଯୁବବର୍ଗ, ମହିଳା ଓ ସମାଜର ଅବହେଳିତ ବର୍ଗର ସ୍ୱାର୍ଥ ପାଇଁ ସର୍ବଦା ସଂଗ୍ରାମ କରିଥିଲେ । ତାଙ୍କର ସରଳତା, ସାଦାସିଧା ଜୀବନଶୈଳୀ, ସାଂଗଠନିକ ଦକ୍ଷତା ଏବଂ ନିଷ୍ଠାପର ଜନସେବା ତାଙ୍କୁ ପଶ୍ଚିମ ଓଡ଼ିଶାର ଜଣେ ଅତ୍ୟନ୍ତ ସମ୍ମାନୀତ ନେତାର ପରିଚୟ ଦେଇଥିଲା।

# ସିବିଆଇ ଓ ଇଡିର ବିଶ୍ୱସନୀୟତା

ୟୁପିଏ ସରକାର ସମୟରେ ମଧ୍ୟ ଏଭଳି ଅଭିଯୋଗ ହେଉଥିଲା। ଏକଦା ସୁପ୍ରିମକୋର୍ଟ ସିବିଆଇକୁ ଏକ ପିଞ୍ଜରାବଦ୍ଧ ଶୁଆ ଭାବେ ଅଭିହିତ କରିଥିଲେ। ସିବିଆଇର ମୁଖ୍ୟ ପଦରେ ସବୁ ବେଳେ ଶାସକ ଦଳର ସମର୍ଥକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବାର ନଜିର ରହିଛି। ଏବେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାର ଅମଳରେ ଏହି ଅଭିଯୋଗ ଟିକେ ଅଧିକ ହୋଇଛି। କାରଣ ସିବିଆଇ, ଇଡି ଏବଂ ଅନ୍ୟ ତଦନ୍ତକାରୀ ସଂସ୍ଥା ଅଧିକ ସକ୍ରିୟ ହୋଇଛି। ବିରୋଧୀ ଦଳର ଅନେକ ନେତା ଭିନ୍ନ ଭିନ୍ନ ଅଭିଯୋଗରେ ତଦନ୍ତର ସମ୍ମୁଖୀନ ହୋଇଛନ୍ତି। କେତେକ ଗିରଫ ହୋଇ ଜେଲ ଯାଇଛନ୍ତି। ଦୁଇ ବର୍ଷ ତଳେ ୧୪ଟି ବିରୋଧୀ ଦଳ ମିଳିତ ଭାବେ ପ୍ରଧାନମନ୍ତ୍ରୀଙ୍କୁ ଏକ ପତ୍ର ଲେଖି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ ଅଭିଯୋଗ କରିଥିଲେ ଏବଂ ଏହା ଗଣତନ୍ତ୍ର ପ୍ରତି ବିପଦ ବୋଲି କହିଥିଲେ। ଏହା ପରେ ସମ୍ପୃକ୍ତ ନେତାମାନେ ମିଳିତ ଭାବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟରେ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ସିବିଆଇ ଓ ଇଡି ଭଳି ତଦନ୍ତକାରୀ ସଂସ୍ଥାକୁ କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟରେ ଉପଯୋଗ କରୁଛନ୍ତି। ବିରୋଧୀ ନେତାଙ୍କ ମୁହଁ ବନ୍ଦ କରିବା ଏବଂ ସେମାନଙ୍କୁ ଅପମାନିତ ବା ବଦନାମ କରିବା ପାଇଁ ମିଛ ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଉଛି। ଯେଉଁମାନେ ବିଜେପିରେ ସାମିଲ ହେଉଛନ୍ତି ସେମାନଙ୍କ ବିରୋଧରେ ଗୁରୁତର ଅଭିଯୋଗ ଥିଲେ ମଧ୍ୟ ସେମାନଙ୍କ ବିରୋଧରେ ତଦନ୍ତକୁ ଜାଣିଶୁଣି ଶିଥିଳ କରାଯାଉଛି। ପଶ୍ଚିମବଙ୍ଗରେ ଟିଏମସି, ବିହାରରେ ଆରଜେଡି, ମହାରାଷ୍ଟ୍ରରେ ଏନସିପି ଓ କଂଗ୍ରେସ ତଥା ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା, ଦିଲ୍ଲୀରେ ଆପ, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଏବଂ ୟୁପିରେ କଂଗ୍ରେସକୁ ଟାର୍ଗେଟ କରାଯାଉଛି। କିନ୍ତୁ ସୁପ୍ରିମକୋର୍ଟ ବିରୋଧୀ ଦଳର ଏହି ଅଭିଯୋଗକୁ ଗ୍ରହଣ କରିନାହାଁନ୍ତି ଏବଂ ପିଟିସନର ଶୁଣାଣୀ କରିବାକୁ ମନା କରି ଦେଇଛନ୍ତି। ଏଭଳି ଏକ ସାମଗ୍ରୀକ ଅଭିଯୋଗ ଆଧାରରେ ଶୁଣାଣୀ କରାଯାଇପାରିବ ନାହିଁ। ଯଦି କୌଣସି ନିର୍ଦ୍ଦିଷ୍ଟ ଘଟଣାରେ କିଛି ଅଭିଯୋଗ ରହିଛି ତେବେ ଏହାକୁ ପ୍ରମାଣ ସହ ଉପସ୍ଥାପନ କରାଯାଇପାରିବ। କିନ୍ତୁ ସବୁ କଥାକୁ ଏକାଠି କରି ସାମଗ୍ରୀକଭାବେ ସିବିଆଇ ବା ଇଡିର ଦୁରୁପଯୋଗ ଅଭିଯୋଗ ଗ୍ରହଣୀୟ ନୁହେଁ। ଯେଉଁମାନଙ୍କ ବିରୋଧରେ ଦୁର୍ନୀତି ବା ଅପରାଧିକ ମାମଲା ରହିଛି ସେମାନଙ୍କ ବିଚାର କୋର୍ଟ କରିବେ। ସିବିଆଇ ବା ଇଡି ନୁହେଁ। ତଦନ୍ତକାରୀ ସଂସ୍ଥା କେବଳ ଚାର୍ଜସିଟ ଦାଖଲ କରିବେ। ଏହାର ବୈଧତା, ସତ୍ୟତା ଏବଂ ଗ୍ରହଣୀୟତା କୋର୍ଟ ବିଚାର କରିବେ। ଯଦି ଅଭିଯୁକ୍ତଙ୍କ ବିରୋଧରେ କିଛି ପ୍ରମାଣ ନଥିବ ତେବେ ସେ ନିର୍ଦ୍ଦୋଷରେ ଖଲାସ ହେବେ। ଏଥିରେ ରାଜନୈତିକ ଅଭିସନ୍ଧିର କୌଣସି ଗୁରୁତ୍ୱ ନାହିଁ। ରାଜନୈତିକ ଦୃଷ୍ଟିଭଙ୍ଗୀ ରଖି ସିବିଆଇ ବା ଇଡି ଭଳି ସଂସ୍ଥାର ବିଶ୍ୱସନୀୟତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ରାଜନୈତିକ ଦୃଷ୍ଟି ଭଙ୍ଗୀରେ ସ୍ୱାଗତଯୋଗ୍ୟ ନୁହେଁ। ସୁପ୍ରିମକୋର୍ଟଙ୍କ ଏହି ମନ୍ତବ୍ୟ ପରେ ବିରୋଧୀ ଥମି ଯାଇଛନ୍ତି। ପଶ୍ଚିମବଙ୍ଗରେ ଚିଟଫଣ୍ଡ ଦୁର୍ନୀତିରେ ଶାସକ ଟିଏମସିର ଅନେକ ନେତା ସମ୍ପୃକ୍ତ ଥିଲେ। ତେଣୁ ସିବିଆଇ ଏହି ମାମଲାରେ କଠୋର ଆଭିମୁଖ୍ୟ ଗ୍ରହଣ କରିବା ସ୍ୱାଭାବିକ। ସେହିପରି ବିହାରରେ ଲାଲୁ ଯାଦବଙ୍କ ବିରୋଧରେ ଅଭିଯୋଗର ଲମ୍ବା ଫର୍ଦ୍ଦ ରହିଛି। ଝାଡ଼ଖଣ୍ଡରେ କ୍ଷମତାସୀନ ଜେଏମଏମ ଖଣି ଦୁର୍ନୀତିରେ ସମ୍ପୃକ୍ତ ଥିବା ସମସ୍ତେ ଜାଣନ୍ତି। ମହାରାଷ୍ଟ୍ରରେ ଏନସିପି ଓ କଂଗ୍ରେସ ନେତାମାନେ ମାଫିଆଙ୍କ ସହ ସମ୍ପର୍କ ରକ୍ଷା କରି ବିପୁଳ ପରିମାଣର ଚାନ୍ଦା ଆଦାୟ କରନ୍ତି। ତେଣୁ ସେମାନଙ୍କୁ ବାନ୍ଧିବାରେ କିଛି ଅସୁବିଧା ନାହିଁ।

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

“ ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା। ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା।

॥ ସୌମେନ୍ଦ୍ର ଜେନା ॥

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି। ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ଖେରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା। ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି। ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି। ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି। ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ। ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ। ୨୧ ସେପ୍ଟେମ୍ବର ୨୦୧୮ରେ ‘ଦାଫେଙ୍ଗ୍ କାଓ’ ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା। ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି। ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା। ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ ରହିଛି, ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ। ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ। ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ। ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ ହୋଇଥିବା କଥା କୁହାଯାଉଛି। ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା। ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ ପ୍ରକାଶ ପାଇଥିଲା। ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା। ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ। ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା।

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା। ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା। ଇପୋକ୍ ଟାଇମ୍ସକୁ ନିଜର ପ୍ରତିକ୍ରିୟା ପ୍ରଦାନ କରି କ୍ରେସ୍‌ପୋ କହିଛନ୍ତି ଯେ, ଆମେରିକା ଉପରକୁ ଉଚ୍ଚାକାଶରେ ଉଡିବାକୁ ସକ୍ଷମ ଏହିପରି ଗୋଟିଏ କିମ୍ବା ଅଧିକ ବେଲୁନ ସହ ଛୋଟ ଆଣବିକ ଇଏମ୍‌ପି (ଇଲେକ୍ଟ୍ରୋ ମ୍ୟାଗନେଟିକ୍ ପଲ୍ସ) ସାହାଯ୍ୟରେ ଆକ୍ରମଣ ହେବାର ଆଶଙ୍କା ରହିଛି। କେବଳ ଏତିକି ନୁହେଁ ଉଚ୍ଚାକାଶରୁ ସେମାନେ ବିନା ଗୁଳିରେ ଏହି ବେଲୁନ ସାହାଯ୍ୟରେ ଆମେରିକାର ଯୋଗାଯୋଗ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ବର୍ଷାଧିକ କାଳ ପାଇଁ ନଷ୍ଟ କରିଦେବାକୁ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିପାରିବେ। କାରଣ ଆମେରିକାର ବାଇଡେନ ପ୍ରଶାସନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷାଗତ ସଂକ୍ରାନ୍ତରେ ବିଶେଷ ସଚେତନ ନଥିବା ହେତୁ ଏପରି ଆକ୍ରମଣ ହେବା କିଛି ବଡ କଥା ନୁହେଁ ବୋଲି କୁହାଯାଉଛି। ମହାକାଶରୁ ସ୍ଥଳଭାଗ ଉପରେ ଆକ୍ରମଣ ସଂକ୍ରାନ୍ତରେ ଜୁଲାଇ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଇଏମ୍‌ପି ଟାସ୍କଫୋର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ତତ୍‌କାଳୀନ ଅଧିକାରୀ ଡକ୍ଟର ପିଟର ଭିନସେଣ୍ଟ ପ୍ରି ତାଙ୍କର ଏକ ରିପୋର୍ଟରେ ଜାତୀୟ ଏବଂ ପ୍ରାଦେଶିକ ସୁରକ୍ଷା ବିଷୟରେ ଉଲ୍ଲେଖ କରି ପ୍ରକାଶ କରିଥିଲେ ଯେ ଚୀନରୁ ପ୍ରକାଶିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ଲେଖାରେ ଆମେରିକା ବିରୁଦ୍ଧରେ ଉଚ୍ଚାକାଶରୁ ବିସ୍ଫୋରଣ କରି ଗାମାରଶ୍ମିର ବିକିରଣ ଦ୍ୱାରା ସ୍ଥଳଭାଗରେ କାର୍ଯ୍ୟରତ ସଂଚାର ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ହେଉଥିବା ଆଲୋଚନା ନିଶ୍ଚିତ ରୂପେ ଆମେରିକା ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ବୋଲି ବୁଝିବାକୁ ହେବ। କାରଣ ଆମେରିକା ପ୍ରତିରକ୍ଷା ବିଭାଗର ବିଶେଷଜ୍ଞଙ୍କ କହିବାନୁସାରେ ଆମେରିକାର ପୂର୍ବ ଉପକୂଳରେ ଇଏମ୍‌ପି ଦ୍ୱାରା ଆକ୍ରମଣ ହେଲେ ଗୋଟିଏ ବର୍ଷ ଭିତରେ ୯୦ ପ୍ରତିଶତ ଜନସଂଖ୍ୟାକୁ ଧ୍ୱଂସ କରାଯାଇପାରିବ ଏବଂ ସେହି ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାକୁ ଠିକ୍ କରିବାକୁ ୧୮ମାସ ସମୟ ଲାଗିବ। ଏହି ପରିସ୍ଥିତିରେ ୯୯ ଆଣବିକ ରିଆକଟର ଥଣ୍ଡା ହେବା ପାଇଁ ବିଦ୍ୟୁତ ନପାଇ ତରଳିଯିବେ। ଆଣବିକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଞ୍ଚଳର ୪୧ଲକ୍ଷ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିବ।

ଦେଖିବାକୁ ଗଲେ କେବଳ ଚୀନ ଯେ ଉଚ୍ଚାକାଶ ବେଲୁନ ଆକ୍ରମଣ କଥା ଏକାକୀ ଚିନ୍ତା କରୁଛି ତା ନୁହେଁ। ଆମେରିକା ସମେତ ଅନେକ ରାଷ୍ଟ୍ର ଏ କ୍ଷେତ୍ରରେ ଗୋପନରେ ସେମାନଙ୍କ ଗବେଷଣା ଜାରି ରଖିଛନ୍ତି। ଉଚ୍ଚାକାଶର ୨୩୦୦୦ ଫୁଟରୁ ୬୬୦୦୦ ଫୁଟ ମଧ୍ୟରେ ସଂଖ୍ୟାଧିକ ଡ୍ରୋନ ସାହାଯ୍ୟରେ ମଧ ଶତ୍ରୁପକ୍ଷ ଉପରେ ଆକ୍ରମଣ ପାଇଁ ଯୋଜନା ହେଉଛି। ଶତ୍ରୁପକ୍ଷର ନିରୀକ୍ଷଣକାରୀ ଗୁଇନ୍ଦା ଉପକରଣ, ହାଇପରସୋନିକ ଅସ୍ତ୍ର ଉପରେ ନଜର ରଖିବାଲାଗି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ବିଭାଗ ଲକ୍ଷ ଲକ୍ଷ କୋଟି ଡଲାର ବେଲୁନ ପ୍ରସ୍ତୁତି ଏବଂ ଉଡାଣ ପାଇଁ ଖର୍ଚ୍ଚ କରୁଛି। ତେବେ ଚଳିତମାସ ୧୦ ଫେବୃଆରୀ ଦିନ ବାଇଡେନ ପ୍ରଶାସନ ପକ୍ଷରୁ ଚୀନର ଗୁଇନ୍ଦା ତଥ୍ୟ ସଂଗ୍ରହକାରୀ ବେଲୁନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ଚୀନ ଦ୍ୱାରା ଯେଉଁସବୁ ବେଲୁନଗୁଡିକୁ ୫ଟି ଉପମହାଦେଶର ୪୦ଟି ଦେଶ ଉପରେ ଉଡି ତଥ୍ୟ ସଂଗ୍ରହ ପାଇଁ ଛଡାଯାଇଥିଲା, ଏହି ବେଲୁନ ତନ୍ମଧ୍ୟରୁ ଗୋଟିଏ। ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ ଦ୍ୱାରା ପରିଚାଳିତ ଭର୍ଜିନିଆର କ୍ୱାଣ୍ଟିକୋ ପରୀକ୍ଷାଗାରରେ ଚୀନା ବେଲୁନର ପରୀକ୍ଷା କରାଯାଇଥିଲା। ଏହିପରି ଏକ ବେଲୁନ ଗତ ୩୧ ଡିସେମ୍ବର ୨୦୨୨ଦିନ ତାଇୱାନର ଚେଙ୍ଗ୍‌ଚେନ୍‌ଫେଙ୍ଗ୍ (ନାନ୍‌ତୋଉ)ଠାରେ ଉଡୁଥିବା ଅବସ୍ଥାରେ ଗୁଳିକରି ଖସାଯାଇଥିଲା। ତେବେ ଏହି ବିଷୟକୁ ନେଇ ଆମେରିକାର ସଂସଦରେ ଏବେ ଢେର ତୁମ୍ଭିତୋଫାନ ହୋଇଛି। ଚୀନ ପକ୍ଷରୁ ଏହି ବେଲୁନ ଆକ୍ରମଣ ପାଇଁ ଜାପାନ ଓ ଭାରତ ଟାର୍ଗେଟରେ ଥିବାରୁ ଭାରତ ସରକାର ଏବେଠୁ ସତର୍କ ହେବା ଜରୁରୀ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# କଳା ଅବତାର, ଅଂଶାବତାର ଓ ରାମାବତାର

॥ ଡା.ଦିଲ୍ଲୀପ କୁମାର ମହାରଣା ॥

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ ‘ଟୀକା ରାମାୟଣ’ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ ‘ଟୀକା ରାମାୟଣ’ ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୂତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

ଶିଖରପୁର ଉପରସାହି, କଟକ, ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

॥ ସୁଶାନ୍ତ ଭୂୟାଁ ॥

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା’ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ ‘ପ୍ରଗତିବାଦୀ’ ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।

## ବାଛୁରୀକୁ ମାରି ମାଂସ ବିକ୍ରି କଲେ ଦୁର୍ବୃତ୍ତ, ଥାନାରେ ମାମଲା ରୁଜୁ

ଆସିକା, (ମହାଭାରତ) : ବାଛୁରୀକୁ ମାରି ମାଂସ ବିକ୍ରି କଲେ ଦୁର୍ବୃତ୍ତ ଆସିକା ଥାନାରେ ମାମଲା ରୁଜୁ। ଆସିକା ଥାନା ଅନ୍ତର୍ଗତ କମାଗଡ଼ ଗ୍ରାମର ସନ୍ତୋଷ କୁମାର ଗୌଡ଼ଙ୍କ ର ଗୋଟିଏ ବାଛୁରୀ ଗତ ୨୫/୦୭ /୨୦୨୬ ତାରିଖରେ କେଉଁଆଡେ ହଜିଯାଇଥିଲା। ସନ୍ତୋଷ ବହୁତ ଖୋଜା ଖୋଜି କରିବା ପରେ ମଧ୍ୟ ବାଛୁରୀଟି ମିଳିନଥିଲା। ଗତକାଲି ସନ୍ତୋଷ କମାଗଡ଼ ରୁ ଅସୁରେଇପଲ୍ଲୀ ଯାଉଥିଲା ବେଳେ କମାଗଡ଼ ଅସୁରେଇପଲ୍ଲୀ ମଧ୍ୟରେ ପଡୁଥିବା ଗଉଡୁଣୀ ପାହାଡ଼ ପାଦ ଦେଶରେ ବାଛୁରୀ ଶରୀରର ଅଂଶବିଶେଷଓ ନିକଟରେ ଏକ ଗଛରେ ତାଙ୍କ ବାଛୁରୀର ପଘା ଝୁଲିଥିବାର ଦେଖିବାକୁ ପାଇଥିଲେ ଏନେଇ ସନ୍ତୋଷ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲା ଅଭିଯୋଗ କୁ ଭିତ୍ତି କରି ପୋଲିସ ଥାନା କେସ ନମ୍ବର ୩୯୫/ ୨୬ ରେ ମାମଲା ରଜୁକରି ବାଛୁରୀର ଅଂଶବିଶେଷ ଜବତ କରି ବ୍ୟବଛେଦ କରି ତଦନ୍ତ ଚଳାଇଛି। ଅନ୍ୟପଟରେ ଆସିକା ଥାନା ଇଲାକାରେ ଏହା ହେଉଛି ପ୍ରଥମ ଘଟଣା ଏହି ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି। ପୋଲିସ ଏହି ଘଟଣାର ତଦନ୍ତ କରି ଦୋଷୀକୁ ତୁରନ୍ତ ଗିରଫ କରିବାକୁ ଅଞ୍ଚଳ ବାସୀଙ୍କ ପକ୍ଷରୁ ଦାବୀ ହେଉଛି।

## ସ୍କୁଲକୁ ଆସି ଦସ୍ତଖତ କରି ୨.୩ ଘଣ୍ଟା ପରେ ଚାଲିଯାଉଥିବା ଅଭିଯୋଗ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ଅଭିଭାବକଙ୍କ ଚିନ୍ତା

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଯୋଡିଙ୍ଗା ପଞ୍ଚାୟତର ବୋରଗା ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ନେଇ ଏକ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ବିଦ୍ୟାଳୟର ଶିକ୍ଷକ ରଞ୍ଜିତ କୁମାର ପାଣିଗ୍ରାହୀ ପ୍ରତିଦିନ ବିଦ୍ୟାଳୟକୁ ଆସି ଉପସ୍ଥାନ ଖାତାରେ ଦସ୍ତଖତ କରିବା ପରେ ପ୍ରାୟ ୨ ରୁ ୩ ଘଣ୍ଟା ରହି ନିଜ ବ୍ୟକ୍ତିଗତ ବ୍ୟବସାୟ କାମରେ ଚାଲିଯାଉଥିବା ଅଭିଯୋଗ ହୋଇଛି ଅଭିଭାବକମାନଙ୍କ କହିବା ଅନୁସାରେ, କୌଣସି ଅଧିକାରୀ କିମ୍ବା ସରକାରୀ ଗାଡ଼ି ବିଦ୍ୟାଳୟ ନିକଟକୁ ଆସିଲେ ସମ୍ପୃକ୍ତ ଶିକ୍ଷକଙ୍କୁ ପୂର୍ବରୁ ସୂଚନା ଦିଆଯାଉଥିବା ଏବଂ ସୂଚନା ପାଇବା ପରେ ସେ ପ୍ରାୟ ୩୦ ମିନିଟ୍ ମଧ୍ୟରେ ବିଦ୍ୟାଳୟରେ ପହଞ୍ଚୁଥିବା ଅଭିଯୋଗ ମଧ୍ୟ କରାଯାଇଛି। ଏହା ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ବୋଲି ଅଭିଭାବକମାନେ ଚିନ୍ତା ପ୍ରକାଶ କରିଛନ୍ତି।ଅଭିଯୋଗରେ ଆହୁରି କୁହାଯାଇଛି ଯେ, ସମ୍ପୃକ୍ତ ଶିକ୍ଷକ ବିଦ୍ୟାଳୟର ଶିକ୍ଷାଦାନ କାର୍ଯ୍ୟ ଅପେକ୍ଷା ନିଜ ବ୍ୟକ୍ତିଗତ ବ୍ୟବସାୟକୁ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ନିୟମିତ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାର ସିଧାସଳଖ ପ୍ରଭାବ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଭବିଷ୍ୟତ ଉପରେ ପଡୁଥିବା ବୋଲି ସେମାନେ କହିଛନ୍ତି।ଏହି ଅଭିଯୋଗ ସମ୍ପର୍କରେ ରାଇଘର ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ ନବରଙ୍ଗପୁରରେ ଏକ ବୈଠକରେ ଥିବା କଥା କହି ପରେ ବିଦ୍ୟାଳୟର ଏକ ଫଟୋ ପଠାଇଥିଲେ। ସେହି ଫଟୋରେ ବୋରଗା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଅନ୍ୟ ଶିକ୍ଷକମାନଙ୍କ ସହ ରଞ୍ଜିତ କୁମାର ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିବା ଦେଖାଯାଇଛି।ଅନ୍ୟପଟେ, ସ୍କୁଲ ପରିଚାଳନା ସଭାପତି, ଗାଁ କମିଟି ଏବଂ ପ୍ରଧାନ ଶିକ୍ଷକଙ୍କ ପକ୍ଷରୁ କୁହାଯାଇଛି ଯେ ସମ୍ପୃକ୍ତ ଶିକ୍ଷକ ନିୟମିତ ଭାବେ ବିଦ୍ୟାଳୟରେ ଉପସ୍ଥିତ ରହୁନାହାନ୍ତି। ଏହି ଦୁଇ ପକ୍ଷର ଦାବିରେ ପାର୍ଥକ୍ୟ ଥିବାରୁ ଘଟଣାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି।ଏହି ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ଶିକ୍ଷକଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ମିଳିନାହିଁ। ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ଯାଞ୍ଚ ସହ ଆବଶ୍ୟକ ହେଲେ ଉଚିତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଅଭିଭାବକ, ସ୍କୁଲ ପରିଚାଳନା ସଭାପତି ଓ କମିଟି ଦାବି କରିଛନ୍ତି।

## ଏମ୍‌ଭି-୭୯ରେ ଡ୍ରେନେଜ୍ ସମସ୍ୟା ଉତ୍କଟ

ମାଲକାନଗିରି, (ମହାଭାରତ) : ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଅନ୍ତର୍ଗତ ଏମ୍‌ଭି-୭୯ ଅଞ୍ଚଳରେ ଦୀର୍ଘଦିନ ଧରି ଲାଗିରହିଥିବା ଡ୍ରେନେଜ୍ ଓ ପରିଷ୍କାର-ପରିଚ୍ଛନ୍ନତା ସମସ୍ୟା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ସାମାନ୍ୟ ବର୍ଷା ହେଲେ ମଧ୍ୟ ଅଞ୍ଚଳର ମୁଖ୍ୟ ରାସ୍ତା ସମେତ ବିଭିନ୍ନ ସ୍ଥାନରେ ଦୀର୍ଘ ସମୟ ଧରି ବର୍ଷାଜଳ ଜମି ରହୁଥିବାରୁ ଲୋକଙ୍କ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ତୁରନ୍ତ ସମସ୍ୟାର ସମାଧାନ ଦାବି ଜୋର ଧରିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏମ୍‌ଭି-୭୯ ଅଞ୍ଚଳରେ ଥିବା ଡ୍ରେନ୍ ଗୁଡ଼ିକ ଦୀର୍ଘ ସମୟ



ଧରି ସଫା କରାଯାଉନଥିବାରୁ ସେଥିରେ ମାଟି, ଆବର୍ଜନା ଓ ଅନ୍ୟାନ୍ୟ ଅପରିଷ୍କାର ସାମଗ୍ରୀ ଜମି ରହିଛି। ଫଳରେ ବର୍ଷା ସମୟରେ ପାଣି ସ୍ୱାଭାବିକ ଭାବେ ନିଷ୍କାସିତ ହୋଇପାରୁନାହିଁ। ଅନେକ ସ୍ଥାନରେ ନାଳନର୍ଦ୍ଦମା ଜବରଦଖଲ ହେବା ଓ ଅବ୍ୟବସ୍ଥିତ ଭାବେ ନିର୍ମାଣ କାର୍ଯ୍ୟ ହୋଇଥିବାରୁ ଜଳ ନିଷ୍କାସନ ବ୍ୟବସ୍ଥା ଅଧିକ ବାଧାପ୍ରାପ୍ତ ହେଉଥିବା ମଧ୍ୟ ଅଭିଯୋଗ ହୋଇଛି। ବର୍ଷା ହେବା ପରେ ରାସ୍ତା ଉପରେ ପାଣି ଜମି ରହିବା ସହ ଘର, ଦୋକାନ ଓ ବିଭିନ୍ନ ପ୍ରତିଷ୍ଠାନ ସମ୍ମୁଖରେ ମଧ୍ୟ ଜଳାବଦ୍ଧତା ସୃଷ୍ଟି ହେଉଛି। ଏହା ଯୋଗୁଁ ଲୋକମାନେ ରାସ୍ତାରେ ଯିବାଆସିବା ବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷାଜଳ ଜମି ରହିବା ଯୋଗୁଁ ରାସ୍ତାର ଅବସ୍ଥା ମଧ୍ୟ ଧୀରେ ଧୀରେ ଖରାପ ହେଉଥିବା ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ଏମ୍‌ଭି-୭୯ ଅଞ୍ଚଳରେ ଏସ୍‌ବିଆଇ ବ୍ୟାଙ୍କ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଏବଂ ଶିକ୍ଷାନୁଷ୍ଠାନ ରହିଛି। ଏହି କାରଣରୁ ପ୍ରତିଦିନ ଶତାଧିକ ଲୋକ ଏହି ଅଞ୍ଚଳ ଦେଇ ଯାତାୟାତ କରୁଛନ୍ତି। ବିଶେଷକରି ବର୍ଷା ଦିନରେ ରାସ୍ତା ଉପରେ ପାଣି ଜମି ରହିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ଯାତାୟାତ ବାଧାପ୍ରାପ୍ତ ହେବା ସହ ବ୍ୟବସାୟୀ ଓ ସାଧାରଣ ଲୋକେ ମଧ୍ୟ ନାନା ସମସ୍ୟା ଭୋଗୁଛନ୍ତି। ଏହି ନାଳ ର ପାଣି ରାସ୍ତା ସହ ଲୋକଙ୍କ ଘର ଭିତରେ ମଧ୍ୟ ପ୍ରବେଶ କରିଥିବାରୁ ଲୋକେ ନାନା ଅସୁବିଧା ର ସମ୍ମୁଖୀନ ହଉଛନ୍ତି। ଦୀର୍ଘ ୫ବର୍ଷା ଧରି ଲୋକେ ଏହି ଅସୁବିଧାର ସମ୍ମୁଖୀନ ହଉଛନ୍ତି। ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ସୁଧାରିବା ପାଇଁ ଡ୍ରେନ୍ ଗୁଡ଼ିକର ନିୟମିତ ସଫେଇ, ଅବରୋଧ ହୋଇଥିବା ନାଳନର୍ଦ୍ଦମାର ପୁନରୁଦ୍ଧାର ଏବଂ ଆବଶ୍ୟକ ସ୍ଥାନରେ ନୂତନ ଡ୍ରେନ୍ ସହ ବିରିଜ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏଥିସହ ନାଳନର୍ଦ୍ଦମା ଜବରଦଖଲ ଓ ଅବ୍ୟବସ୍ଥିତ ନିର୍ମାଣ ଯୋଗୁଁ ଯଦି ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥାଏ, ତେବେ ସମ୍ପୃକ୍ତ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ମଧ୍ୟ ଦାବି ହୋଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନହେଲେ ଆଗାମୀ ଦିନରେ ବର୍ଷା ପରିମାଣ ବଢ଼ିଲେ ଜଳାବଦ୍ଧତା ଆହୁରି ଗୁରୁତର ହେବାର ଆଶଙ୍କା ରହିଛି। ତେଣୁ ସ୍ଥାନୀୟ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ଏମ୍ ?ଭି-୭୯ ଅଞ୍ଚଳର ଡ୍ରେନେଜ୍ ବ୍ୟବସ୍ଥାର ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେବା ସହ ନିୟମିତ ସଫେଇ ଓ ଜଳ ନିଷ୍କାସନର ସୁବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଧାମନଗରରେ ବନ୍ୟା ମୁକାବିଲା ପ୍ରସ୍ତୁତି: ରାତି ୨ଟାରେ ଶିଖର ଛୁଇଁବ ଜଳସ୍ତର, ମହଜୁଦ୍ ରହିବ ବାଲିବସ୍ତା ଓ ପାଣି ବୋତଲ

ଧାମନଗର, ( ମହାଭାରତ) : ଲଗାଣ ବର୍ଷା ଓ ସୃଷ୍ଟ ବନ୍ୟା ପରିସ୍ଥିତିକୁ ନେଇ ଧାମନଗର ନିର୍ବାଚନମଣ୍ଡଳୀରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଦିନ ୩ଟା ସୁଦ୍ଧା ୬୫୦୦ କ୍ୟୁସେକ୍ ଜଳ ଛଡ଼ାଯାଇଥିବାରୁ ଅଞ୍ଚଳରେ ଏକ ବଡ଼ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ତେବେ ଏହି ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତଦାରଖ ଓ ସମୀକ୍ଷା ବୈଠକ ଅନୁସାରେ, ଆଜି ରାତି ୨ଟା ସୁଦ୍ଧା ନଦୀର ଜଳସ୍ତର ସର୍ବୋଚ୍ଚ ସ୍ତରରେ ପହଞ୍ଚିବ। ଏହାକୁ ଦୃଷ୍ଟିରେ ରଖି ରାତି ୧୧ଟା ସୁଦ୍ଧା ସମସ୍ତ ସମ୍ବେଦନଶୀଳ ସ୍ଥାନରେ ବାଲି ବସ୍ତା ମହଜୁଦ୍ ରଖିବାକୁ ମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବଢ଼ି ଭୋରରୁ ନିତ୍ୟକର୍ମ ପୂର୍ବରୁ ଯେପରି ସାଧାରଣ




ଲୋକେ ବନ୍ୟା ସମ୍ପର୍କରେ ସୂଚନା ପାଇପାରିବେ, ସେଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ପ୍ରଶାସନକୁ ପରାମର୍ଶ ଦିଆଯାଇଛି। ଉଦ୍ଧାର କାର୍ଯ୍ୟକୁ ବେଗଗାମୀ କରିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଧାମନଗର ବିଡିଓ ବନବିହାରୀ ଦିନ୍ଦାଙ୍କ ସୂଚନା ଅନୁଯାୟୀ, ଆପଦକାଳୀନ ସ୍ଥିତି ପାଇଁ ଏସଆରସି (ଝଜଉ)ଙ୍କ ପକ୍ଷରୁ ୧୦ଟି ବୋଟ୍ ଯୋଗାଇ ଦିଆଯାଇଛି। ଏଥିମଧ୍ୟରୁ ତହସିଲ ପାଖରେ ୪ଟି ବୋଟ୍ ରହିଥିବା ବେଳେ ୬ଟି ବୋଟ୍ ନଦୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମୁତୟନ କରାଯାଇଛି। ଏହା ବ୍ୟତୀତ ଗାଁ ଭିତରେ ବୁଲି ଲୋକଙ୍କୁ ସହାୟତା କରିବା ପାଇଁ ଆଉ ୪ଟି ବୋଟ୍ ନିୟୋଜିତ ଅଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ, ବନ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ପ୍ରତ୍ୟେକ ପଞ୍ଚାୟତରେ ଓଡ୍ରାଫ୍ (ଡଉଜଇର), ଫାୟାର ଟିମ୍, ଏସଆରସି ବୋଟ୍ ଏବଂ ଦେଶୀ ଡଙ୍ଗା ମହଜୁଦ୍ ରଖାଯିବ। ସେହିପରି ସ୍ୱାସ୍ଥ୍ୟ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ସମସ୍ତ ବନ୍ୟା ଆଶ୍ରୟସ୍ଥଳୀରେ ଆବଶ୍ୟକୀୟ ମେଡିସିନ୍ କିଟ୍ ରଖିବାକୁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଳଜନିତ ରୋଗ ବ୍ୟାପିବାରୁ ରୋକିବା ପାଇଁ ନଳକୂପ ଓ କୂଅ ବିଶୋଧନ ନିମନ୍ତେ ୨୦୦ ପ୍ୟାକେଟ୍ ବ୍ଲିଚିଂ ପାଉଡର ଗଚ୍ଛିତ ରଖାଯାଇଛି। ଏହାସହ ବନ୍ୟା ବିପନ୍ନଙ୍କ ପାଇଁ ତୁରନ୍ତ ୫୦ ହଜାର ପାନୀୟ ଜଳ ବୋତଲ ମହଜୁଦ୍ ରଖିବାକୁ ମନ୍ତ୍ରୀ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନିକ ସ୍ତରରେ ସମସ୍ତ ସତର୍କତା ବଳବତ୍ତର ରହିଛି। ଜିଲ୍ଲାପାଳ ଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବ୍ରାହ୍ମଣୀ ନଦୀରୁ ଖଣ୍ଡ ବିଖଣ୍ଡିତ ମୃତ ଦେହ ଉଦ୍ଧାର

ଆଳି, (ମହାଭାରତ) : ବୁଧବାର ଅପରାହ୍ନରେ ଆଳି ଥାନା ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ଖଣ୍ଡ ବିଖଣ୍ଡିତ ମୃତ ଦେହ ଉଦ୍ଧାର ହୋଇଛି। ପଟାମୁଣ୍ଡାଇ ଥାନା ଅଳଭା ନିକଟ ଦେଇ ଯାଇଥିବା ବ୍ରାହ୍ମଣୀ ନଦୀ ସଲଗ୍ନ ଏକ ଗଣ୍ଡ ନିକଟରୁ ଖଣ୍ଡବିଖଣ୍ଡିତ ଅବସ୍ଥାରେ ପଡ଼ିଥିବା ମୃତ ଦେହକୁ ଉଦ୍ଧାର କରିଛନ୍ତି ପଟାମୁଣ୍ଡାଇ ଅଗ୍ନିଶମ ବାହିନୀ । ଏହି ମୃତଦେହଟି କାହାର ସ୍ପଷ୍ଟ ଜଣା ପଡିନାହିଁ । ଘଟଣା ସ୍ଥଳରେ ଆଳି ପୋଲିସ ପହଞ୍ଚି ମୃତଦେହକୁ ଆଳି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଛି । ଉଦ୍ଧାର ହୋଇଥିବା ମୃତ ଦେହର ଅଧିକାଂଶ ଅଂଶ ନାହିଁ । ଗତ ୨୦ ତାରିଖ ରାତିରେ ଗୋପଳପୁର ଗ୍ରାମର ସୌମ୍ୟରଞ୍ଜନ ବେଜ ନାମକ ଜଣେ ଯୁବକ ନଦୀରେ ବୁଡି ନିଖୋଜ ଥିବା ବେଳେ ତାଙ୍କ ଭାଇଙ୍କୁ ଡାକି ମୃତଦେହ ଚିହ୍ନଟ କରାଯାଉଛି । ପ୍ରକୃତରେ ଏହି ମୃତ ଦେହ କାହାର ତାହା ଶବ ବ୍ୟବଛେଦ ପରେ ଜଣାପଡିବ

## ମା ଓ ଦିବ୍ୟାଙ୍ଗ ଝିଅର ମୃତଦେହ ଉଦ୍ଧାର... ହତ୍ୟା ସନ୍ଦେହ

କପ୍ତିପଦା, (ମହାଭାରତ) : ମା ଏବଂ ଦିବ୍ୟାଙ୍ଗ ଝିଅର ମୃତଦେହ ମିଳିଛି । ଯାହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ର ବିଷୟ ପାଲଟିଛି। ଉଦଳା ଥାନା ଦିବ୍ୟସିଂପୁର ଗ୍ରାମରେ ଘଟିଛି ଏଭଳି ଘଟଣା। ଆଜି ଦିବ୍ୟସିଂପୁର ଗ୍ରାମ ଅନ୍ୱେଷା ହଷ୍ଟେଲ ନିକଟରେ ଥିବା କେନାଲରେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପାଖକୁ ଯିବାରୁ ନିକଟରେ ଥିବା ଏକ ଘରୁ ଦୁର୍ଗନ୍ଧ ଆସିଥିଲା। ଯାହାକି ଘର ଭିତରେ ଏକ ମୃତ ଦେହ ଗଳିତ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସ କୁ ଖବର ଦେଇଥିଲେ। ଖବର ପାଇ ଉଦଳା ପୋଲିସ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛି। ତେବେ ମୃତକ ହେଲେ ସେହି ଭଙ୍ଗା ଦଦରା ଘରେ ରହୁଥିବା ଫୁଲମଣି ହେମ୍ବ୍ରମ ଏବଂ ତାଙ୍କର ଦିବ୍ୟାଙ୍ଗ ନାବାଳିକା ଝିଅ। ଘର ଭିତରେ ମଶାରୀ ଭିତରେ ଫୁଲମଣିଙ୍କ ମୃତଦେହ ପଡ଼ିଥିବା ବେଳେ ଘର ବାହାର କେନାଲ ରେ ପଡିଛି ଦିବ୍ୟାଙ୍ଗ ନାବାଳିକାର ମୃତଦେହ। ତେବେ ଘର ଭିତର ଅସଜଡ଼ା ଅବସ୍ଥାରେ ପଡ଼ିଥିବା ବେଳେ ପୂର୍ବରୁ ମୃତକ ଫୁଲମଣି ଙ୍କ ର ଜମିବାଡ଼ି ବିବାଦ ରହିଥିଲା। ଏହା ସହିତ ଗତ ମଇ ମାସରେ କୁକୁର ପାଇଁ ଫୁଲମଣିଙ୍କ ଦିବ୍ୟାଙ୍ଗ ଝିଅ ଏବଂ ମା କୁ ଗ୍ରାମବାସୀ ଆକ୍ରମଣ କରିଥିଲେ ଏବଂ ଘଟଣା ଥାନାରେ ପହଞ୍ଚିଥିଲା। ତେଣୁ କେହି ଅତି ବିଭତ୍ସ ଭାବେ ମା ଝିଅ କୁ ହତ୍ୟା କରାଯାଇଥିବା କୁହାଯାଉଛି। ପାରିପାର୍ଶ୍ୱିକ ପରିସ୍ଥିତି ରୁ ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି।

## ଗଣିଆ ବ୍ଲକର ଯୁଗ୍ମ ଜନଶୁଣାଣି ଶିବିର



ଗଣିଆ, (ମହାଭାରତ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ଜନତାଙ୍କଠାରୁ ମୋଟ ୮୧ଟି ଅଭିଯୋଗ ପତ୍ରଗ୍ରହଣକରାଯାଇଥିଲା। ଗୃହୀତ ଅଭିଯୋଗଗୁଡ଼ିକ ମଧ୍ୟରୁ ୬୦ଟି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ହୋଇଥିବା ବେଳେ ୧୨ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ଏବଂ ୯ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ରୁ ଆର୍ଥିକ ସହାୟତା ପାଇଁ ଆବେଦନ ରହିଥିଲା। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଖଣ୍ଡପଡା ଏସ ଡ଼ି ପି ଓ ସରୋଜ ସାହୁ , ଗଣିଆ ତହସିଲଦାର ଐଶ୍ୱର୍ଯ୍ୟା ପୃସେଠ ଏବଂ ବିଡିଓ ଲବଣେନ୍ଦୁ ମହାନ୍ତିଙ୍କ ସମେତ ଜିଲ୍ଲା ଓ ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ଅଧିକାରୀମାନେ ଅଭିଯୋଗଗୁଡ଼ିକର ସମୀକ୍ଷା କରି ଘଟଣାସ୍ଥଳରେ ୭ଟି ଅଭିଯୋଗର ସଙ୍ଗେ ସଙ୍ଗେ ସମାଧାନ କରାଯାଇଥିଲା ।ଅବଶିଷ୍ଟ ରହିଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁସମ୍ପୃକ୍ତବିଭାଗୀୟଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏ ନେଇ କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଦୀର୍ଘ ୧୫ ବର୍ଷ ହେଲା ରହି କାର୍ଯ୍ୟ କରୁଥିବା ଫାର୍ମାସିଷ୍ଟ ମାନସ କୁମାର ସାହୁ ଜନସାଧାରଣ ଙ୍କୁ ବିଭିନ୍ନ ଆଚରଣ, ଉଚ୍ଚାରଣ ଓ ବ୍ୟବହାର ଠିକ ଭାବେ କରୁନଥିବା ଓ ସରକାରୀ ଔଷଧ ରେ ଅନିୟମିତତା ଅଭିଯୋଗ ନେଇ ଅଞ୍ଚଳବାସୀ ଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଙ୍କଅଭିଯୋଗ ପ୍ରକୋଷ୍ଠ କୁ ଜଣାଇବା ସହିତ ଗଣିଆ ରେ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତାଙ୍କୁ ବଦଳି କରାଯାଇଥିବା ବେଳେ ଗୋଟିଏ ସ୍ଥନରେ କିଭଳି ପୁନର୍ବାର ରହିଛନ୍ତି ସେ ନେଇ ଅଭିଯୋଗ ବାଢିଥିଲେ ଅଂଚଳବାସୀ । ପରେ ଗଣିଆ ୧ନଂ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ବିଦ୍ୟୁତ୍ ନଥିବାରୁ ପିଲାମାନେ ଅସହ୍ୟ ଗୁଳୁଗୁଳି ପାଇଁ ଠିକ୍ ରେ ଆସିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ସେ ନେଇ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ପାରାଦୀପ ଟ୍ରେଲର ଆସୋସିଏସନର ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ ଅନୁଷ୍ଠିତ

ପାରାଦୀପ, (ମହାଭାରତ) : ପାରାଦୀପ ଟ୍ରେଲର ଆସୋସିଏସନ ର ନୂତନ କର୍ମକର୍ତ୍ତାଙ୍କ ସପଥଗ୍ରହଣ ଉତ୍ସବ ସ୍ଥାନୀୟ ଏମ୍ପାୟାର୍ସ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ସିକନ୍ଦର ବକସ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାଧାରଣ ବୈଠକରେ କର୍ମକର୍ତ୍ତା ଓ ବହୁ ସଦସ୍ୟ ଉପସ୍ଥିତ ଥିଲେ । ୨୦୧୮ ମସିହାରେ ପ୍ରତିଷ୍ଠିତ ଏହି ଟ୍ରେଲର ସଙ୍ଘ ୨୦୧୯ ମସିହାରେ କରୋନା ମହାମାରୀ ପ୍ରଭାବରେ ବ୍ୟବସାୟୀ ମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ଦୀର୍ଘ ୭ ବର୍ଷ ପରେ ବହୁ ଘାତ ପ୍ରତିଘାତ ସତ୍ତ୍ୱେ ଏହି ବ୍ୟବସାୟ କୁ ବଞ୍ଚାଇ ରଖିଥିବା ଉପରେ ଏହି ସଭାରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆସୋସିଏସନ ର ଉପଦେଷ୍ଟା ବିଭୁତି ଭୂଷଣ ମହାନ୍ତି ଓ ପ୍ରତିଷ୍ଠାତା ସଦସ୍ୟା ସବିତା ମହାପାତ୍ର ମୁଖ୍ୟ ଅତିଥି ଭାବେ




ଉପସ୍ଥିତ ଥିଲେ । ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଓ ସଭାପତି ଭାବେ ସିକନ୍ଦର ବକସ, କାର୍ଯ୍ୟକାରୀ ସଭାପତି ଅରକ୍ଷିତ ମାଝୀ, ଉପ-ସଭାପତି ଆଲୋକ ରଞ୍ଜନ ଦାସ, ସମ୍ପାଦକ ତୁଷାରକାନ୍ତ ଭୋଇ, ଯୁଗ୍ମ-ସମ୍ପାଦକ ବିଷ୍ଣୁ ଚରଣ ରାଉତ, ସହ-ସମ୍ପାଦକ ଶ୍ରୀକାନ୍ତ ସାମଲ ଓ କୋଷାଧକ୍ଷ ଭାବେ ଅରୁଣ କୁମାର ମଙ୍ଗରାଜ ଙ୍କୁ ପ୍ରତିଷ୍ଠାତା ସଭ୍ୟା ଶ୍ରୀମତୀ ସବିତା ମହାପାତ୍ର ଶପଥ ପାଠ କରାଇଥିଲେ ।

## ବୈତରଣୀ ବଢ଼ିଲା ପାଣିରେ ଭାସିଲା ବାଲି ବୋଝେଇ ଟ୍ରାକ୍ଟର

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ଉଦୟପୁର ପଞ୍ଚାୟତର ମହୁଦିପା ନିକଟସ୍ଥ ବୈତରଣୀ ନଦୀରେ ଏକ ସାଙ୍ଘାତିକ ଘଟଣା ଦେଖିବାକୁ ମିଳି ଛି। ନଦୀ ରୁ ବାଲି ଉଠାଇ ନେଉ ଥିବା ସମୟରେ ନଦୀ ବଢ଼ି ଆସିଯିବା ରୁ ଟ୍ରାକ୍ଟର ଟି ନଦୀ ଉଠି ନ ପାରିବାରୁ ନଦୀ ପାଣି ଭାସିଯାଉ ଥିବା ବେଳେ ଟ୍ରାକ୍ଟର ମାଲିକ ଖବର ପାଇ ଏକ ଜେସିବି ସାହାଯ୍ୟରେ ଟ୍ରାକ୍ଟର କୁ ଉଦ୍ଧାର କରୁଥିବା ଦେଖିବାକୁ ମିଳି ଛି । ସୂଚନା ରୁ ପ୍ରକାଶ ବୈତରଣୀ ନଦୀ ରୁ ବାଲି ଆଣିବାକୁ ଯାଇଥିବା ଏକ ଟ୍ରାକ୍ଟର ହଠାତ୍ ବଢ଼ି ପାଣିର ସ୍ରୋତରେ ଭାସିଯାଇ ଥିଲା। ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା। ଟ୍ରାକ୍ଟର କୁ ଉଦ୍ଧାର କରିବା ପାଇଁ ଏକ ଜେସିବି ଘଟଣାସ୍ଥଳ ରେ ପହଞ୍ଚି ଟ୍ରାକ୍ଟର ର ଉଦ୍ଧାର ଆରମ୍ଭ ହୋଇ ଥିଲା। ଲଗାଣ ବର୍ଷା ଯୋଗୁ ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧିପାଉ ଥିବା ରୁ ଏପରି ବିପଦ ପୂର୍ଣ୍ଣ ପରିସ୍ଥିତି ରେ ନଦୀ ଭିତର କୁ ଯାଇ ବାଲି ଉଠାଇ କେତେ ସୁରକ୍ଷିତ ଏନେଇ ପ୍ରଶ୍ନ ଉଠି ଥିବା ବେଳେ ସ୍ଥାନୀୟ ଲୋକ ମାନେ ବର୍ଷା ସମୟରେ ଏଭଳି ବାଲି ଉଠାଇ ବା କାର୍ଯ୍ୟ ଆଇନଗତ କେତେ ନିଶ୍ଚିତ ତା ଉପରେ ପ୍ରଶ୍ନବାଚି ସହ ପ୍ରଶାସନ କଡ଼ା ନଜର ଓ ସୁରକ୍ଷା ବ୍ୟବସ୍ଥା ଦାବିକରିଛନ୍ତି।

## ପିଆଇସିଟି କବ୍ଜାରେ ପାରାଦୀପ ମେରାଇନ ରାଜରାସ୍ତା : ଚାରି କିଲୋମିଟର ରାସ୍ତାରେ ବେଆଇନ ଭାରୀଯାନ ପାର୍କିଙ୍ଗ ! ନିଦାବିଷ୍ଟୁ ସାଜିଛି ପ୍ରଶାସନ

ପାରାଦୀପ, (ମହାଭାରତ) : ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ (ପିଆଇସିଟି) କବ୍ଜାରେ ଚାରି କିଲୋମିଟର ମେରାଇନ ରାଜରାସ୍ତା, ରାସ୍ତାର ଦୁଇପାର୍ଶ୍ୱରେ ଆଇରନ ପ୍ଲେଟ ଲୋଡ଼ କରି ଭାରିଜାନ ଗୁଡିକ ରାସ୍ତା ମାଡ଼ିବସିଥିବା ବେଳେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ପଥଚାରୀ। ଏପରିକି ରାସ୍ତାରେ ଠିଆ ହୋଇଥିବା ଭାରିଜାନ ଗୁଡିକ ର ଡ୍ରାଇଭର ଓ ହେଲପର ମାନେ ମନ ଇଚ୍ଛାରେ ଗାଡ଼ି ରାସ୍ତାରେ ବୁଲାଇବା ଓ ଡୋର ଖୋଲିବା କାରଣରୁ ଅନେକ ଦୁର୍ଘଟଣା ଘଟୁଥିବା ର ନଜିର ରହିଥିବା ବେଳେ ଏଥିପ୍ରତି ସ୍ଥାନୀୟ ପ୍ରଶାସନ ପାଲଟିଛି ନିଦାବିଷ୍ଟୁ। ସାଧାରଣ ଟ୍ରକ ହେଉ କିମ୍ବା ହାଇଓ୍ୱା ଯଦି ପାରାଦୀପ ବନ୍ଦର ଟାଉନସିପ ଭିତରେ କୌଣସି ସ୍ଥାନରେ ପାର୍କିଂ କରୁଛି ତେବେ ବନ୍ଦର ଇଷ୍ଟେଟ ପ୍ରଶାସନ ଫାଇନ କାଟୁଥିବା ବେଳେ ପୋଲିସ ମଧ୍ୟ ନାଲିଆଖି ଦେଖାଉଥିବା ଭଳି ଅନେକ ଘଟଣା ନଜରକୁ ଆସିଛି କିନ୍ତୁ ପିଆଇସିଟିର ଏଭଳି କାର୍ଯ୍ୟ ଯେପରି ଇଷ୍ଟେଟ ବିଭାଗ ହେଉ କିମ୍ବା



ସ୍ଥାନୀୟ ପ୍ରଶାସନର ନଜର ରେ କିଭଳି ପଡୁନାହିଁ ତାହାକୁ ନେଇ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଦୀର୍ଘଦିନ ହେବ ପିଆଇସିଟି ତାର ମନମାନି ରେ ବଡ଼ପଡ଼ିଆ ସୁବାସ ବୋଷ ଙ୍କ ପ୍ରତିମୂର୍ତ୍ତି ପାଖରୁ ମେରାଇନ ଡ୍ରାଇଭ ରାସ୍ତା ଷଣ୍ଢକୁଦ ପର୍ଯ୍ୟନ୍ତ ରାସ୍ତାରେ ଭାରିଜାନ ପାର୍କିଂ କରି ଆସୁଛି । ପାରାଦୀପ ଉପକଣ୍ଠ ଡ଼ିଙ୍କିଆ ଠାରେ ଜେଏସଡବ୍ଲୁ ପ୍ରକଳ୍ପକୁ ଦୈନନ୍ଦିନ ହଜାର ହଜାର ଗାଡ଼ି ଏହି ରାସ୍ତା ଦେଇ ଯାଉଥିବା ବେଳେ ଦୁଇପାର୍ଶ୍ୱ ରେ ଠିଆ ହୋଇଥିବା ଏହି ବଡ଼ ବଡ଼ ଟ୍ରେଲର ଗାଡ଼ି ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । କେବଳ ଏତିକି ନୁହେଁ ରାତ୍ରି ସମୟରେ ଏହି ଭାରିଜାନ ଗୁଡିକ ମେରାଇନ ଡ୍ରାଇଭ ରାସ୍ତାରେ ଏଭଳି ଗାଡ଼ି ଚାଳନା କରୁଛନ୍ତି ଯାହାକୁ ନେଇ ପଥଚାରୀ ଭୟଭୀତ ହୋଇପଡୁଛନ୍ତି, ଯଦି କେହି ଏହି ଗାଡ଼ି ସମ୍ମୁଖରେ ପଡିଯାଉଛି ତେବେ ଦୁର୍ଘଟଣା ର ଶିକାର ହୋଇ ମେଡିକାଲ ଯାଉଥିବା ବେଳେ ଗାଡ଼ି ଫେରାର ହୋଇଯାଉଛି । ନିକଟରେ ହୋଟେଲ ମେଫାୟାରକୁ ଆସୁଥିବା ଲୋକ ମଧ୍ୟ ଏହି ବେଆଇନ ପାର୍କିଂ ର ଶିକାର ହେଉଥିବା ବେଳେ ପାରାଦୀପ କୁ ଦୈନନ୍ଦିନ ଆସୁଥିବା ପର୍ଯ୍ୟଟକ ମାନେ ମଧ୍ୟ ଏହି ଭାରିଜାନ ପାଇଁ ଅନେକ ସମସ୍ୟା ର ସମ୍ମୁଖୀନ ହେଉଥିବା ଅଭିଯୋଗ ଆସିଛି । ଏଠି ପ୍ରଶ୍ନ ଉଠୁଛି ପିଆଇସିଟି ସମ୍ମୁଖରେ ତାର ଗାଡ଼ି ପାର୍କିଙ୍ଗ ପାଇଁ ପର୍ଯ୍ୟାପ୍ତ ସ୍ଥାନ ରହିଥିବା ବେଳେ ଏହି ସ୍ଥାନରେ କଣ୍ଟେନର ସହିତ କ୍ରୋମାଇଟ ଗଛିତ କରି ରଖୁଥିବା କାରଣରୁ ଗାଡ଼ି ଗୁଡିକୁ ରାଜରାସ୍ତା ର ଦୁଇ ପାର୍ଶ୍ୱରେ ବେଆଇନ ପାର୍କିଂ କରି ରାସ୍ତା ଖରାପ କରିବା ସହିତ ସାଧାରଣ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । କଣ ପାଇଁ ଓ କେଉଁ ସ୍ୱାର୍ଥ ରେ ବନ୍ଦର ପ୍ରଶାସନ ହେଉ କିମ୍ବା ସ୍ଥାନୀୟ ପ୍ରଶାସନ ପିଆଇସିଟି ର ଏହି କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବାରେ ବିଫଳ ହେଉଛନ୍ତି ତାହାକୁ ନେଇ ପାରାଦୀପ ର ଜନସାଧାରଣ ଓ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି ।

## ହିଞ୍ଜିଳିଥାନା ପକ୍ଷରୁ ଉପଖଣ୍ଡସ୍ତରୀୟ ମୋବାଇଲ ମେଳା ୬୧ ହିତାଧିକାରୀ ସେମାନଙ୍କ ହଜିଥିବା ମୋବାଇଲ ଫେରିପାଇଲେ



ହିଞ୍ଜିଳିକାଟୁ, (ମହାଭାରତ ): ଲୁଟେରା ଠାରୁ ପୋଲିସ ବିଭିନ୍ନ କମ୍ପାନୀର ମୋବାଇଲ ସେଟ ଉଦ୍ଧାର କରି ଗିରଫ ସହ କୋର୍ଟ ଚାଲାଣ କରିଥିଲା ।ଏଥି ସହ ବିଭିନ୍ନ ସମୟରେ ଚୋରି ଯାଇଥିବା ୬୧ ମୋବାଇଲ ସେଟକୁ ପୋଲିସ ଉଦ୍ଧାର କରିଥିଲା । ଉଦ୍ଧାର ହୋଇଥିବା ୬୧ ଟି ମୋବାଇଲ ସେଟକୁ ଚୋରି ଯାଇଥିବା ଅଭିଯୋଗକାରୀଙ୍କୁ ମୋବାଇଲ ମେଳା ମାଧ୍ୟମରେ ପ୍ରଦାନ କରାଯାଇଛି ।ମଙ୍ଗଳବାର ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିସ ବିସିଙ୍କ ନିର୍ଦ୍ଦେଶରେ ହିଞ୍ଜିଳି ଥାନା ପରିସରରେ ଆଇଆଇସି ଶ୍ରୀନିବାସ ସେଠିଙ୍କ ତ□ାବଧାନରେ ଏକ ମୋବାଇଲ ମେଳା ଆୟୋଜିତ ହୋଇଥିଲା । ଆୟୋଜିତ ମେଳାରେ ମୁଖ୍ୟ ଅତିଥି ଭାବେ ଆସିକା ପୁଲିସ ଉପଖଣ୍ଡ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶେରଗଡ଼ ଆଇଆଇସି ବିରେନ୍ଦ୍ର ସିଅଲ, ପାଟପୁର ଥାନା ଆଇଆଇସି ଦିପ୍ତିରଞ୍ଜନ ବେହେରା, କୋଟିନଡା ଥାନା ଆଇଆଇସି ଦାମୋଦର ବିହାରୀ ପ୍ରମୁଖ ମଞ୍ଚାସିନ ଥିଲେ । ମୋବାଇଲ ଲୁଟର ଶିକାର ହୋଇଥିବା ୬୧ ଅଭିଯୋଗ କାରୀ ଉପଯୁକ୍ତପ୍ରମାଣ ଦାଖଲ କଲା ପରେ ସେମାନଙ୍କୁ ମୋବାଇଲ ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ହିଞ୍ଜିଳି ଥାନା ଅଞ୍ଚଳର ୩୭, ଧରାକୋଟ ଥାନା ଅଞ୍ଚଳର ୬, କୋଟିନଡା ଥାନା ଅଞ୍ଚଳର ୩, ବଡଗଡ ଥାନା ଅଞ୍ଚଳର ୬, ସୋରଡା ଥାନା ଅଞ୍ଚଳର ୨, ପାଟପୁର ଥାନା ଅଞ୍ଚଳର ୪ ଓ ଶେରଗଡ଼ ଥାନା ଅଞ୍ଚଳର ୩ ଟି ମୋବାଇଲ ଫୋନ ପାଇବା ପରେ ହରାଇଥିବା ମୋବାଇଲ ଫୋନ ହିତାଧିକାରୀଙ୍କୁ ଆୟୋଜିତ ଉପଖଣ୍ଡ ସ୍ତରୀୟ ମୋବାଇଲ ମେଳା ମାଧ୍ୟମରେ ଫେରସ୍ତ କରିଛି । ହଜେଇଥିବା ମୋବାଇଲକୁ ଫେରି ପାଇବା ପରେ ସମସ୍ତ ହିତାଧିକାରୀ ହିଞ୍ଜିଳି ପୁଲିସର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ସହ ମୋ ଭାରତର ଭିଭିଭିପି ଅଂଶଗ୍ରହଣକାରୀଙ୍କ ଭର୍ଚୁଆଲ କାର୍ଯ୍ୟକ୍ରମ

**ସମ୍ବଲପୁର,:**କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଅଧୀନ ମୋ ଭାରତ ମୁଖ୍ୟାଳୟ, ନୂଆଦିଲ୍ଲୀ ପକ୍ଷରୁ 'ବିକଶିତ ଭାରତ ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍‌ର ଅଂଶଗ୍ରହଣକାରୀଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଏକ ଭର୍ଚୁଆଲ ସଂଳାପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତର ଭିଭିଭିପି ଅଂଶଗ୍ରହଣକାରୀଙ୍କ ସହ ପ୍ରଧାନମନ୍ତ୍ରୀ ଅନଲାଇନ୍ ମାଧ୍ୟମରେ ମତବିନିମୟ କରିଥିଲେ । ସମ୍ବଲପୁର ଜିଲ୍ଲାରୁ ମୋ ଭାରତ ର ୨୦ରୁ ଅଧିକ ସ୍ୱେଚ୍ଛାସେବୀ ଓ ଅଂଶଗ୍ରହଣକାରୀମାନେ ଅପରାହ୍ନ ୪ଟା ୩୦ ମିନିଟରେ ସମ୍ବଲପୁର କଲେକ୍ଟରେଟ୍ ସ୍ଥିତ ଏନଆଇସି ସମ୍ମିଳନୀ କକ୍ଷରୁ ଏହି ସିଧାପ୍ରସାରଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ସିଦ୍ଧେଶ୍ୱର ବଳିରାମ ବୋନ୍ଦରେ, ଉପସ୍ଥିତ ରହି ଭିଭିଭିପି ଅଂଶଗ୍ରହଣକାରୀ ଓ ମୋ ଭାରତ ସ୍ୱେଚ୍ଛାସେବୀମାନଙ୍କ ସହ ଆଲୋଚନା କରିଥିଲେ । ସେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଷ୍ଟ୍ର ନିର୍ମାଣ ଦିଗରେ ସେମାନଙ୍କ ଉତ୍ସାହ, ସକ୍ରିୟ ଅଂଶଗ୍ରହଣ ଏବଂ ସମର୍ପଣ ମନୋଭାବର ପ୍ରଶଂସା କରିଥିଲେ ।

## ସାପ କାମୁଡା ରେ ଦୁଇ ମୃତ

ଝରିଗାଁ (ମହାଭାରତ ) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଗୋଟିଏ ଦିନରେ ବିଷଧର ସାପ କାମୁଡ଼ାରେ ଦୁଇ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ବଡ଼ ଟେମରା ପଂଚାୟତ ଅନ୍ତର୍ଗତ ଜବାଗୁଡା ଗ୍ରାମର ଜଣକୁ ସାପ କାମୁଡ଼ିଥିବା ବେଳେ ଅନ୍ୟଜଣେ ଭାଲୁକାନାଡି ଗ୍ରାମାଞ୍ଚାୟତ ର ମଙ୍ଗଲିଗୁଡା ଗ୍ରାମର ବୋଲି ଜଣାପଡିଛି । ତେବେ ମୃତକ ଦ୍ୱୟ ହେଲେ ଜବାଗୁଡା ଗ୍ରାମର କତ୍ରୁ ସାନ୍ତା ଙ୍କ ପୁଅ ସପରା ସାନ୍ତା (୩୮) ଏବଂ ମଙ୍ଗଲିଗୁଡା ଗ୍ରାମର ଭୁଜବଳ ଗୌଡ଼ ଙ୍କ ପୁଅ ଚୈତନ୍ୟ ଗୌଡ଼ (୩୫) ସୂଚନା ପ୍ରକାରେ ଉଭୟଙ୍କ କ୍ଷେତ୍ରରେ ରାତିରେ ଖିଆପିଆ ସାରି ଶୋଇପଡିଥିବା ସମୟରେ ରାତି ଅଧ ସମୟରେ ବିଷାକ୍ତ ସାପ ଗୋଡ଼ରେ କାମୁଡି ଥିବା ଜଣାପଡିଛି ।

## ଆଦିତ୍ୟ ଆଲୁମିନିୟମ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଆଉ ଏକ କାର୍ଯ୍ୟକ୍ରମ



**ରେଙ୍ଗାଲି :** ଆଦିତ୍ୟ ଆଲୁମିନିୟମ ଲପଙ୍ଗା, ତାର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ପ୍ରକଳ୍ପ ଜ୍ଞାନ ଅର୍ଜନ ମାଧ୍ୟମରେ ବିରାଟ ଇନଷ୍ଟିଚ୍ୟୁଟ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ, ରେଙ୍ଗାଲିଙ୍କ ମିଳିତ ସହଯୋଗରେ ପିମ୍ ଶ୍ରୀ ନୂଆ ରାମ୍ପେଲା ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ନିଃଶୁଳ୍କ କୋଚିଂ ପାଇଁ ପ୍ରବେଶିକା ପରିକ୍ଷା ଅନୁଷ୍ଠିତ ହେଇଯାଇଛି । ଏହି ପରୀକ୍ଷା ରେ ଉତ୍ତୀର୍ଣ ହେବା ଛାତ୍ରଛାତ୍ରୀ ମାନଙ୍କୁ ଆଦିତ୍ୟ ଆଲୁମିନିୟମ ଲପଙ୍ଗା ଓ ବିରାଟ ଇନଷ୍ଟିଚ୍ୟୁଟ ତରଫରୁ ଗଣିତ, ବିଜ୍ଞାନ, ଇଂରାଜୀ ଓ ସାମାଜିକ ବିଜ୍ଞାନର ନିଃଶୁଳ୍କ କୋଚିଂ ପ୍ରଦାନ କରାଯିବ । ଏହି ପରୀକ୍ଷା ରେ ରେଙ୍ଗାଲି ବ୍ଲକର ତିନୋଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଛଅଟି ଉଚ୍ଚ ବିଦ୍ୟାଳୟ ର ମୋଟ ନଅ ଟି ବିଦ୍ୟାଳୟ ର ୧୯୩ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏହି କୋଚିଂ ବ୍ୟବସ୍ଥା ଦ୍ୱାରା ରେଙ୍ଗାଲି ବ୍ଲକର ଉଚ୍ଚ ବିଦ୍ୟାଳୟ ମାନଙ୍କରର ପାସ୍ ହାରକୁ ବୃଦ୍ଧି କରିବା ସହ ଅଂଚଳରେ ଶିକ୍ଷା ର ମାନକୁ ବୃଦ୍ଧି କରିବା । ଆଦିତ୍ୟ ଆଲୁମିନିୟମ ଲପଙ୍ଗା ନିଜର ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା ର ମାନକୁ ବୃଦ୍ଧି କରିବାର ପ୍ରତିବଦ୍ଧତା କୁ ଏହି ପ୍ରୟାସ ମାଧ୍ୟମରେ ପ୍ରତିପାଦିତ କରିପାରିଛି । ପରୀକ୍ଷା ପରିଚାଳନା ରେ ବିରାଟ ଇନଷ୍ଟିଚ୍ୟୁଟର ଚିନ୍ମୟ ଦାସ ଓ ତାଙ୍କ ସହଯୋଗୀ, ପିମ୍ ଶ୍ରୀ ନୂଆ ରାମ୍ପେଲା ସରକାରୀ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ ଓ ତଥା ସି ଏସ ର କର୍ମକର୍ତ୍ତା ସହଯୋଗ ରହିଥିଲା । ସିଏସଆର ମୁଖ୍ୟ ଶ୍ରୀଯୁକ୍ତ ରବି ନିଓ୍ୱାସ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରବେଶିକା ପରୀକ୍ଷା ନିମନ୍ତେ ଶୁଭେଚ୍ଛା ପ୍ରଦାନ କରିବା ସହ ପରୀକ୍ଷା ରେ ଭଲ ପ୍ରଦର୍ଶନ କରିବା ପାଇଁ ପ୍ରତ୍ସାହିତ କରିଥିଲେ ।

## ତେଲ ନଦୀ ପୋଲ ଉପରେ ପାଞ୍ଚ ଫୁଟ ବନ୍ୟାଜଳ ପ୍ରବାହିତ

# କେନ୍ଦୁଝର - ମୟୂରଭଞ୍ଜ ଯୋଗାଯୋଗ ବିଚ୍ଛିନ୍ନ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ବିଭିନ୍ନ ସ୍ଥାନରେ ଲଗାଣ ବର୍ଷାର ଜାରି ରହିଛି । ଶିମିଳିପାଳ ଉପର ମୁଣ୍ଡ ରେ ପ୍ରବଳ ବର୍ଷା ଯୋଗୁଁ ତେଲ ନଦୀ ର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଉଛି । ସେହଭଳି ସାହାରପଡ଼ା ବ୍ଲକ୍ ଅନ୍ତର୍ଗତ କୁମୁଳାବାହାଳି ନିକଟସ୍ଥ ତେଲ ନଦୀ ପୋଲ ଉପରେ ପାଞ୍ଚଫୁଟ ଉଚ୍ଚତାର ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ମଧ୍ୟରେ ସଡ଼କ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ି ଛି । ଉଭୟ ଜିଲ୍ଲା କୁ ଯାତାୟାତ କରୁଥିବା ଯାନବାହନ ପୋଲର ଉଭୟ ପାର୍ଶ୍ୱରେ ଅଟକି ରହିଛି । ପ୍ରଶାସନ ପକ୍ଷରୁ ବନ୍ୟାଜଳ ଉପରେ ଯାତାୟାତ ନ କରିବାକୁ ସଙ୍କେତ ଲଗାଇ ଥିବା ବେଳେ ସ୍ଥିତି ଉପରେ ନଜର ରଖାଯାଇ ବର୍ଷା ଜାରି ରହିଥିବା ରୁ ଜଳସ୍ତର ଆହୁରି ବୃଦ୍ଧି ଆଶଙ୍କା ପ୍ରକାଶ ପାଉଛ । ଏନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ପ୍ରସ୍ତୁତି ଆରମ୍ଭ କରିଛି ।

## କଷ୍ଟାମଲ୍ଲି ନାଳ ଡାଇଭର୍ଶନ ରାସ୍ତା ଉପରେ ପାଣି



କରଞ୍ଜିଆ, (ମହାଭାରତ) ସୋମବାର ସାନ୍ଧ୍ୟ ଠାରୁ ଲାଗି ରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷା କାରଣ ରୁ ଠାକୁରମୁଣ୍ଡା ଅଞ୍ଚଳ ରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି ।ମଙ୍ଗଳବାର ଦିନ ୪ ଟା ସୁଦ୍ଧା ଠାକୁରମୁଣ୍ଡା ଠାରେ ୨୪୫ ମିଲିମିଟର ବର୍ଷା ହୋଇ ଥିବାର ରେକର୍ଡ କରାଯାଇଛି ।ଲଗାଣ ବର୍ଷା କାରଣ ରୁ ଠାକୁରମୁଣ୍ଡା ଠାରୁ ୧ କିମି ଦୂର ଠାକୁରମୁଣ୍ଡା-ଆନନ୍ଦପୁର ରାଜ୍ୟ ୫୩ ନମ୍ବର ମୁଖ୍ୟ ରାସ୍ତା ଉପରେ କଷ୍ଟାମଲ୍ଲି ନାଳ ରେ ନିର୍ମାଣାଧିନ ପୋଲ ର ଡାଇଭର୍ଶନ ରାସ୍ତା ଉପରେ ନାଳ ବଢି ପାଣି ଚାଲିଥିବା କାରଣ ରୁ ଯାନ ବାହାନ ଚଳାଚଳ ବନ୍ଦ ହୋଇ ଯାଇଛି ।ଫଳରେ ଏହି ରାସ୍ତା ଦେଇ ଟାଟା,ବହଳଦା,ରାଇରଙ୍ଗପୁର, ଯଶିପୁର କରଞ୍ଜିଆ, ଠାକୁରମୁଣ୍ଡା ଠାରୁ କଟକ,ଭୁବନେଶ୍ୱର ସହିତ ଅନ୍ୟାନ୍ୟ ସ୍ଥାନ କୁ ଯାତାୟାତ କରୁଥିବା ଯାତ୍ରୀବାହୀ ବସ ସହ ଅନ୍ୟାନ୍ୟ ଯାନବାହନ ଗୁଡିକ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ।ପୂର୍ବରୁ ଗତ ୬ ତାରିଖ ଦିନ ଲଗାଣ ବର୍ଷା ରେ ଏହି ଡାଇଭର୍ଶନ ରାସ୍ତା ଧୋଇ ହୋଇଯିବାରୁ ୭ ଦିନ ଧରି ଯାନ ବାହାନ ଚଳାଚଳ ଏହି ରାସ୍ତା ଦେଇ ବନ୍ଦ ହୋଇ ଯାଇଥିଲା ।ଲଗାଣ ବର୍ଷା ରେ ବିଭିନ୍ନ ନାଳ ରେ ବଢି ପାଣି ଆସିବା ସହିତ ସାଳନ୍ଦୀ ନଦୀ ଓ ବୈତରଣୀ ର ଭୀମକୁଣ୍ଡ ରେ ବନ୍ୟା ପାଣି କୂଳ ଖାଇଛି ।ସେହିପରି ଠାକୁରମୁଣ୍ଡା, ଦିଗଧର,ଚମ୍ପାଝର, ତାଳପଦା,ତରାମରା, ସାତକୋଶିଆ ଗ୍ରାମପଞ୍ଚାୟତ ଅଞ୍ଚଳରେ ୨୫ ଜଣ ଙ୍କ ଘର ର ଦୁର୍ବଳ ର କାମ୍ୟ ଭୁଶୁଡି ପଡିଥିବାର ଜଣାପଡ଼ିଛି ।ଅନେକ ସ୍ଥାନରେ ଲୋକଙ୍କ ଚାଷ ଜମି ରେ ପାଣି ଜମି ରହି ଥିବାର ଦେଖିବାକୁ ମିଳିଛି ।

## ଗୋମାତାଙ୍କ ସେବା, ସୁରକ୍ଷା ଓ ସମ୍ମାନ ଆଇନ ପ୍ରଣୟନ ଦାବି

**କେନ୍ଦ୍ରାପଡ଼ା,**ଗୋ ସମ୍ମାନ ଆହ୍ୱାନ ଅଭିଯାନ ଦ୍ୱିତୀୟ ଚରଣ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଛି । ଜୁଲାଇ ୨୫ତାରିଖରେ ଦେଶର ୭୯୦ଟି ଜିଲ୍ଲାରେ ୧୫କୋଟିରୁ ଉର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ପ୍ରାର୍ଥନାପତ୍ର ରାଷ୍ଟ୍ରପତି,ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଛି । ଏଥିରେ ଗୋମାତାଙ୍କୁ ରାଷ୍ଟ୍ରମାତା ଭାବରେ ସ୍ୱୀକୃତି ପ୍ରଦାନ ଏବଂ ଗୋହତ୍ୟା ନିଷେଧ ଆଇନ କେନ୍ଦ୍ରୀୟ ମନ୍ତ୍ରଣାଳୟ ଦ୍ୱାରା ସ୍ଥାପନ ଭଳି ୩୦ରୁ ଉର୍ଦ୍ଧ୍ୱ ଦାବି ଗୋମାତାଙ୍କ ସୁରକ୍ଷା ଦିଗରେ ସରକାରଙ୍କ ନିକଟରେ ପ୍ରାର୍ଥନା ପତ୍ର ମାଧ୍ୟମରେ ଦାବି ରଖାଯାଇଛି । ଗୋମାତାଙ୍କ ସେବା, ସୁରକ୍ଷା, ସମ୍ମାନ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ସମଗ୍ର ଦେଶରେ ସଂଚଳିତ ଗୋସମ୍ମାନ ଆହ୍ୱାନ ଅଭିଯାନ ଦ୍ୱିତୀୟ ଚରଣ ବର୍ତ୍ତମାନ ପୂରା ହୋଇଛି । ବିଗତ ୬ମାସ ଧରି ଦେଶଭରି ସାଧୁ, ସନ୍ଥ, ଗୋସେବକ, ଗୋଭକ୍ତ ମାନଙ୍କ ନେତୃତ୍ୱରେ ଗୋ-ସମ୍ମାନ ଆହ୍ୱାନ ଅଭିଯାନ ଚାଲୁଅଛି । ଏହି ଅଭିଯାନ ମାଧ୍ୟମରେ ସମ୍ପୂର୍ଣ୍ଣ ଭାରତ ବର୍ଷରେ ଗୋହତ୍ୟା ନିଷେଧ ନିମନ୍ତେ କେନ୍ଦ୍ରୀୟ ଆଇନ ପ୍ରଣୟନ କରିବା, ଗୋଚର ଭୂମି ଗୁଡିକରୁ ଜବରଦଖଲ ଉଚ୍ଛେଦ କରିବା, କେନ୍ଦ୍ରୀୟ ଗୋ -ମନ୍ତ୍ରଣାଳୟ ସ୍ଥାପନ କରିବା, କେନ୍ଦ୍ରୀୟ ଗୋ-ଚାରାନୀତି ପ୍ରସ୍ତୁତ କରିବା, କୃଷି, ଚିକିତ୍ସା, ପର୍ଯ୍ୟାବରଣ, ଶିକ୍ଷା ଏବଂ ମାନବଜୀବନ ସହିତ ଯୋଡି ହୋଇଥିବା ଅନେକ ମହତ୍ୱପୂର୍ଣ୍ଣ ବିଷୟ ଗୁଡିକୁ ଗୋ-କେନ୍ଦ୍ରିତ ରାଷ୍ଟ୍ରୀୟନୀତିର ଅଂଶ ବିଶେଷ କରାଇବା ସହିତ ୩୦ରୁ ଅଧିକ ପ୍ରମୁଖ ଦାବି ସରକାରଙ୍କ ନିକଟରେ ରଖାଯାଇଛି । ଏହି ଦାବି ଗୁଡିକ ସମଗ୍ର ଦେଶରେ ଏକ ଜନଜାଗୃତିର ରୂପ ନେଇଛି । ଏଠାରେ ସୂଚନା ଯୋଗ୍ୟ ଯେ ଅଭିଯାନର ପ୍ରଥମ ଚରଣ ଜୁଲାଇ ୨୫ତାରିଖରେ ପାଞ୍ଚହଜାର ତହସିଲ ଗୁଡିକରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦ୍ୱିତୀୟ ଚରଣରେ ୭୯୦ ଜିଲ୍ଲା ମୁଖ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲାରେ ମଧ୍ୟ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାରେ ଦ୍ୱିତୀୟ ଚରଣରେ ୩ଲକ୍ଷରୁ ଉର୍ଦ୍ଧ୍ୱ ଦସ୍ତଖତ ସଂଗ୍ରହ କରାଯାଇ ସାଧୁସନ୍ଥମାନଙ୍କ ନେତୃତ୍ୱରେ ଏହି ଅଭିଯାନ ସମ୍ପୂର୍ଣ୍ଣ କରାଯାଇଛି । ଏହି ଅଭିଯାନରେ ଜିଲ୍ଲା ଗୋ ସମ୍ମାନ ଆହ୍ୱାନ ଅଭିଯାନର ପ୍ରମୁଖ ବିଶ୍ୱରୂପାନନ୍ଦ ସତସ୍ୱତୀ, ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ଜିଲ୍ଲା ସହପରିଚାଳକ ଶଶାଙ୍କ କୁମାର ଜେନାଙ୍କ ସମେତ ଶହ ଶହ ଗୋଭକ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଛନ୍ତି ।




## ମଟରସାଇକେଲ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଓଲଟିଲା ହାଇଓ୍ୱା

ଉମରକୋଟ (ମହାଭାରତ) ରାବଣାଗୁଡା କ୍ରସରରୁ ପଥର ଗୁଣ୍ଡ ବୋଝେଇ ଏକ ହାଇବା ରାଇଘର ଅଭିମୁଖେ ଯାଉଥିବା ବେଳେ ମଟରସାଇକେଲ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ହଠାତ ଏକ ମଟରସାଇକେଲ ସାମ୍ନାକୁ ଆସିଯିବାରୁ ଚାଳକ ତୁରନ୍ତ ଗାଡ଼ିକୁ ରାସ୍ତା ପାର୍ଶ୍ୱକୁ ନେଇଥିଲେ । ତେବେ ରାସ୍ତା କଡ଼ର ନରମ ମାଟି ଦବିଯିବାରୁ ହାଇବାଟି ଭାରସାମ୍ୟ ହରାଇ ରାସ୍ତା ତଳେ ଥିବା ଜମିରେ ଓଲଟି ପଡ଼ିଥିଲା ।ସୌଭାଗ୍ୟବଶତଃ ଘଟଣାରେ କୌଣସି ପ୍ରାଣହାନି କିମ୍ବା ଆହତ ହୋଇନଥିବା ଜଣାପଡ଼ିଛି । ଖବର ପାଇ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ । ପରବର୍ତ୍ତୀ ସମୟରେ କ୍ରେନ ଓ ଜେସିବି ସହାୟତାରେ ଓଲଟି ପଡ଼ିଥିବା ହାଇବାକୁ ଉଦ୍ଧାର କରିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଥିଲା । ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ବଡ଼ ଦୁର୍ଘଟଣା ଏଡ଼ାଇ ଯାଇଥିବାବେଳେ ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛ ।

## ଲଗାଣ ବର୍ଷା ଯୋଗୁ ଭାଙ୍ଗିଲା ଘର



ପାଟଣା:-(ମହାଭାରତ) ଲଗାଣ ବର୍ଷା ଜାରି ରହି ଥିବା ବେଳେ ଘର ଭାଙ୍ଗି ଯାଇଛି । ସୂଚନା ରୁ ପ୍ରକାଶ ଲଘୁଚାପ ର ଲଗାଣ ତିନି ଦିନ ଧରି ବର୍ଷା ହେବା ଯୋଗୁ ବିଭିନ୍ନ ସ୍ଥାନରେ ଲୋକ ଙ୍କ ଜୀବନ ଜୀବିକା ସହ ଘର ଭିତରେ ପାଣି ପଶି ଯିବା ସହିତ ଘର ଭାଙ୍ଗିବା ଦେଖିବାକୁ ମିଳିଛି । ଏହି ଲଗାଣ ବର୍ଷା ରେ ଟାଙ୍ଗରପଡ଼ା ପଂଚାୟତ ଅନ୍ତର୍ଗତ ଝପାସାହି ର ରମାକାନ୍ତ ମହାନ୍ତ ଙ୍କ ଆଦବେଷ୍ଟ ଘର ଛପର ସହ କାମ୍ୟ ଭାଙ୍ଗି ଯାଇଛି । ଏହି ଆଦବେଷ୍ଟ ଘର ଭାଙ୍ଗି ଯାଇ ଥିବା ବେଳେ ଘର ଭିତରେ ରହିଥିବା ଏକ ମେସିନ ସହ ବାସନ କୁସନ ଗୁଡିକ ଭାଙ୍ଗି ଯାଇଛି । ଏପଟେ ଗ୍ରାମବାସୀ ରମାକାନ୍ତ କ୍ଷୟକ୍ଷତି ସହାୟତା ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ଭାଜପା ଦ୍ୱାରା ସମରସ ସଂକଳ୍ପ ଅଭିଯାନ ପ୍ରସ୍ତୁତି



ଉମରକଟ (ମହାଭାରତ) ମଙ୍ଗଳବାର ନବରଙ୍ଗପୁର ଜିଲ୍ଲା ଉମରକଟ ଭାଜପା କାର୍ଯ୍ୟାଳୟ ଠାରେ, ସ୍ୟ ଶିରୋମଣି ଗୁରୁ ରବିଦାସ ଜୀ ଙ୍କ ୬୫୦ ତମ ଜନ୍ମ ଜୟନ୍ତୀ ବର୍ଷ ଉପଲକ୍ଷେ ଗୁରୁ ରବିଦାସଙ୍କ ସମରସ ସଂକଳ୍ପ ଅଭିଯାନର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥରେ ଝରିଗାଁ ଓ ଉମରକଟ ଦୁଇଟି ବିଧାନସଭାର ପ୍ରତି ମଣ୍ଡଳର ମଣ୍ଡଳ ସଭାପତି ଏବଂ ଚାରିଜଣିଆ ମଣ୍ଡଳ ଟୋଲିକୁ ନେଇ ଏହି ବୈଠକ କରାଯାଇଥିଲା ।ଏହି ସଂକଳ୍ପ ଅଭିଯାନ ରାଷ୍ଟ୍ର ବ୍ୟାପି ଦିର୍ଘ ସାତ ମାସ ପର୍ଯ୍ୟନ୍ତ ଚାଲିବ, ଏହା ୨୯ ଜୁଲାଇ ଗୁରୁପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ ୨୦ ଫେବ୍ରୁଆରୀ ଗୁରୁ ରବିଦାସଙ୍କ ଜନ୍ମ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଏଥିରେ ବିଭିନ୍ନ କର୍ଯ୍ୟକ୍ରମ ରହିଛି ଏହାର ଉଦ୍ଦେସ୍ୟ ଗୁରୁ ରବିଦାସଙ୍କ ସମରସତା, ସମାନତା, ସାମାଜିକ ନ୍ୟାୟ ଏବଂ ମାନବତା ସନ୍ଦେସକୁ ଜନସମାଜକୁ ପହଞ୍ଚାଇବା । ୨୯ ଜୁଲାଇ ଆଷାଢ ପୂର୍ଣିମାରେ ରବିଦାସଙ୍କ ସମରସତା ଦୀପ ମହୋତ୍ସବ, ୧୦ ସେପ୍ଟେମ୍ବର କଳସ ବନ୍ଦନ ଅଭିଯାନ, ୫ ଅକ୍ଟୋବର ଓ ୫ ନଭେମ୍ବର ସମରସତା ଯାତ୍ରା, ୨୬ ନଭେମ୍ବର ଠାରୁ ୧୫ ଜାନୁଆରୀ ଛାତ୍ରାବାସ ଅଭିଯାନ, ଆସନ୍ତା ୨୦ ଫେବୃଆରୀ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ରହିଛି । ଦେଶର ସମସ୍ତ ସାଂଗଠନିକ ଜିଲ୍ଲା ଏବଂ ବୁଥ ସ୍ତର ପର୍ଯ୍ୟନ୍ତ ସେବା କାର୍ଯ୍ୟ ଆୟୋଜନ କରାଯିବ ।ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ଉପ ସଭାପତି ଶ୍ରୀ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ଜିଲ୍ଲା ସଭାପତି ଗୋବିନ୍ଦ ଜୈନ, ଜିଲ୍ଲା ଏସ୍ ଡି ସି ଅଦ୍ଧକ୍ଷା ଶ୍ରୀମତୀ ବାସନ୍ତୀ ମାଝୀ, ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ କୁମାର ଆଚାର୍ଯ୍ୟ,ବ୍ଲକ ସାଂସଦ ପ୍ରତିନିଧି ଭୋଳନାଥ ଗଣ୍ଡ, ଜିଲ୍ଲା ମାଇନୋରିଟି ମୋର୍ଚ୍ଚା ସଭାପତି ପବିତ୍ର ଗରଡା ସମସ୍ତ ଅପେକ୍ଷିତ ଅତିଥିମାନଙ୍କୁ ଏହି ସଂକଳ୍ପ ଅଭିଯାନ ବିଷୟରେ ସୁଚନା ଦେଇ ଅବଗତ କରାଇ ଥିଲେ ।

# କେନ୍ଦୁଝର ଚାଷ ଜମିରେ କାରଖାନା ବର୍ଜ୍ୟବସ୍ତୁ

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଯାଞ୍ଚ

**କେନ୍ଦୁଝର,:**

କେନ୍ଦୁଝର ସହର ଏବଂ ଆଖପାଖ ଅଞ୍ଚଳରେ ବେଆଇନ ଭାବେ ଶିଳ୍ପ ବର୍ଜ୍ୟବସ୍ତୁ ପକାଯାଉଛି । ଫଳରେ ଚାଷ ଜମି ର ଉର୍ବରତା ହ୍ରାସ ପାଇ ନଷ୍ଟ ହେଉଥିବା ବେଳେ ବର୍ଜ୍ୟ ର କଳାଗୁଣ୍ଡ ଉଡି ଓ ବର୍ଷା ପାଣିରେ ମିଶି ପରିବେଶ ପ୍ରଦୂଷିତ ହେଉଛି । ଜନ ବସତି ନିକଟରେ ଜଳ ଓ ବାୟୁ ପ୍ରଦୂଷଣ ଯୋଗୁଁ ସାଧାରଣ ଲୋକ କ୍ଷତିଗ୍ରସ୍ତ ହେଉଛି । ଏ ନେଇ ଅଭିଯୋଗ ପରେ ଜିଲ୍ଲାପାଳ କେନ୍ଦୁଝର ବିଶାଳ ସିଂ ଙ୍କ ଆଦେଶ କ୍ରମେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହ ପରିବେଶ ବୈଜ୍ଞାନିକ ଇପ୍ସି ଗିରି ଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଏ ସଂକ୍ରାନ୍ତରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଆଞ୍ଚଳିକ ଅଧିକାରୀଙ୍କୁ ରିପୋର୍ଟ କରିଥିବା ସୂଚନା ମିଳିଛି । ଏନେଇ ଆଂଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ପ୍ରଶାନ୍ତ କତର କହିଛନ୍ତି ଯେ ଏନେଇ ଏକ ଟିମ ସହରର ବିଭିନ୍ନ ସ୍ଥାନ ଗ୍ରସ୍ତ କରି ରିପୋର୍ଟ ଦେଇଛନ୍ତି । ଘରୋଇ ଓ ସରକାରୀ ଜମିରେ ଏଭଳି ବର୍ଜ୍ୟବସ୍ତୁ ପଡିଥିବା ଦେଖିବା କୁ ମିଳିଛି । ଯେହେତୁ କାରଖାନା ବାହାରେ ଘଟିଛି ଏଣୁ ଏନେଇ ଜିଲାପାଳ, ତସହିଲଦାର, ପୌରପାଳିକା ନିର୍ବାହୀ ଅଧିକାରୀ ଙ୍କୁ କେଉଁ କାରଖାନାରୁ ଆସିଛି ଏବଂ କେଉଁଠାରେ ପଡିଛି ସେସବୁର ସବିଶେଷ ରିପୋର୍ଟ ପ୍ରଦାନ କରିଛୁ ।ତେବେ ଏନେଇ ଜିଲା ପ୍ରଶାସନ କଣ ପଦକ୍ଷେପ ନେଉଛନ୍ତି ତାହା ଉପରେ ସମସ୍ତ ଙ୍କ ନଜର ରହିଛି ।ଏଠାରେ ସୂଚନା ଯୋଗ୍ୟ ଯେ ଜମିରେ କାରଖାନା ବର୍ଜ୍ୟବସ୍ତୁ କୁ ବିଭିନ୍ନ କାରଖାନା ରୁ କିଣି କେତେକ ଜମି ଦଲାଲ ଜମିରେ ଓ ଖାଲଖମା ପଡିଆ ରେ ପକାଇ ସମତୁଲ କରିବା ସହ ରାସ୍ତା ନିର୍ମାଣ କରୁଛନ୍ତି । ଏହି ଜମିକୁ ପ୍ଲଟିଂ କରି ବିକ୍ରି କରୁଛନ୍ତି ଏବଂ କୋଟି କୋଟି ଟଙ୍କା ଲାଭ କରୁଛନ୍ତି । ସହରର ବିଭିନ୍ନ ସ୍ଥାନରେ ଏଭଳି କାରଖାନାର ବର୍ଜ୍ୟବସ୍ତୁ କୁ ପଡୁଥିବାରୁ ସବୁଜ ସୁନ୍ଦର କେନ୍ଦୁଝର ସହର ଏବେ ମଇଳା ଆବର୍ଜନାର ସହରରେ ପରିଣତ ହୋଇଛି । ବଡବଡିଆ ଲୋକ ତଥା ରାଜନୈତିକ ଚାପ ପକାଇ ଏଭଳି ବେଆଇନ କାମ କରୁଥିବାରୁ ପ୍ରଶାସନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହିଁ । ଫଳରେ ଅନେକ ଏହି ବର୍ଜ୍ୟବସ୍ତୁ ଉପରେ ମୋରମ ମାଟି ପକାଇ ଲୁଚାଇବାକୁ ଉଦ୍ୟମ କରି ସଫଳ ହେଉଥିବାରୁ ପରିବେଶ ପ୍ରଦୂଷଣ ବଢୁଛି । ଧରଣୀଧର ମେଡିକାଲ କଲେଜ ନିକଟରେ ଏଭଳି ବର୍ଜ୍ୟବସ୍ତୁ ପକାଯିବା ଘଟଣା ପରେ ପ୍ରଶାସନ ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି । ତେବେ ବେଆଇନ ଭାବରେ ବର୍ଜ୍ୟବସ୍ତୁ ବିକ୍ରି କରୁଥିବା କାରଖାନା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନ ପଦକ୍ଷେପ ନେଇ ପାରୁନଥିବା ମଧ୍ୟ ଅଭିଯୋଗ ହୋଇଆସୁଛି । କେନ୍ଦୁଝର ସହର କରଞ୍ଜିଆ ବସଷ୍ଟାଣ୍ଡ ସମ୍ମୁଖ ଚାଷ ଜମି, ବଣିଆପାଟ ମୌଜାର ଗଉଡୁଣିବେଡା ନାଳ ନିକଟରେ ଚାଷ ଜମି, ନିହାଲସିଂହ - ଧୂପଦା ରାସ୍ତା କଡରେ, ଏନଏଚ ୪୯ ଓ ୨୦ କଡରେ ବିଭିନ୍ନ ସ୍ଥାନରେ ବ୍ୟାପକ କାରଖାନାର ବର୍ଜ୍ୟ କଳାଗୁଣ୍ଡ ବ୍ୟବହାର ହେଉଛି । ଏହା ଦ୍ୱାରା ଜଳାଶୟ ତଥା ନଦୀନାଳ ପ୍ରଦୂଷିତ ହେଉଥିବା ବେଳେ ଗୋରୁଗାଇ ଙ୍କ ଚରଣ ଭୂମି ଏବଂ ଆଖପାଖ ଚାଷ ଜମି ମଧ୍ୟ ପ୍ରଦୂଷିତ ହେବା ସହ ଅନୁର୍ବର ହୋଇଯାଉଥିବାରୁ ସ୍ଥାନୀୟ ଲୋକ ଓ ଚାଷୀ ମାନେ ଚିନ୍ତାରେ ରହୁଛନ୍ତି । କେନ୍ଦୁଝର ସହର କରଞ୍ଜିଆ ବସଷ୍ଟାଣ୍ଡ ସମ୍ମୁଖ ଚାଷ ଜମି,ବଣିଆପାଟ ମୌଜାର ଗଉଡୁଣିବେଡା ନାଳ,ଜିଲ୍ଲା ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ନିକଟରେ ଥିବା ଜମି, ଢାଙ୍ଗରପଡା ଆଦି ଅଂଚଳରେ ଏଭଳି କାରଖାନର ବର୍ଜ୍ୟବସ୍ତୁ ପକାଯାଇ ପୋତାଯାଉଛି ଯ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଜିଲ୍ଲା ପ୍ରଶାସନ ଗୁରୁତର ସହ ନେଉନଥିବାରୁ ପରିବେଶବିତ ମାନେ ଚିନ୍ତାବ୍ୟକ୍ତ କରିଛନ୍ତି । ଦୂଷିତ ଜଳ ପିଇ ଗୋରୁଗାଇ, ସ୍ଥାନୀୟ ଲୋକମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଚାଷ ଜମି ନଷ୍ଟ ହେଉଥିବାରୁ ଅନେକ ଚାଷ କାର୍ଯ୍ୟ ଛାଡିଦେଲେଣି । ଏଣୁ ପ୍ରଶାସନ ପକ୍ଷରୁ ଏହାକୁ ରୋକିବା ପାଇଁ ଉକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ତଦାରଖ କରିବା ସହ ସମ୍ପୃକ୍ତ ଜମି ଦଲାଲ, ପରିବହନ ଠିକାଦାର, କାରଖାନା ମାଲିକ ଙ୍କ ବିରୁଦ୍ଧରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ କମ ଦିନରେ କେନ୍ଦୁଝର ସହର ପ୍ରଦୂଷିତ ସହରରେ ପରିଣତ ହେବ ବୋଲି କହିଛନ୍ତି କେନ୍ଦୁଝର ସହରର ପରିବେଶବିତ ତଥା ସାମାଜିକ କର୍ମୀ ପ୍ରଦିପ ମହାନ୍ତି ।



# ଏନ୍‌ଡିଏ ବୈଠକରେ ସାମିଲ ହେଲେ ଟିଏମ୍‌ସିର ବିଦ୍ରୋହୀ ସାଂସଦ



ନୂଆଦିଲ୍ଲୀ: ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ବିଦ୍ରୋହ କରି ନେସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନ୍‌ସିପିଆଇ)ରେ ସାମିଲ ହୋଇଥିବା ସାଂସଦମାନେ ପ୍ରଥମ ଥର ପାଇଁ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ର ସଂସଦୀୟ ଦଳ ବୈଠକରେ ଯୋଗ ଦେଇଛନ୍ତି। ସଂସଦ ଭବନ ପରିସରରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ରଣନୀତିକ ବୈଠକରେ ସେମାନେ ମେଣ୍ଟର ଭବିଷ୍ୟତ ଆଭିମୁଖ୍ୟ ଏବଂ ସଂସଦୀୟ କାର୍ଯ୍ୟସୂଚୀକୁ ସମ୍ପୂର୍ଣ୍ଣ ସମର୍ଥନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଏବଂ ଅନ୍ୟାନ୍ୟ କେନ୍ଦ୍ର ମନ୍ତ୍ରୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ଏହି ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇଛି। ଏହି ବୈଠକ ସମ୍ପର୍କରେ ସୂଚନା ଦେଇ ଏନ୍‌ସିପିଆଇ ସାଂସଦ ସାୟୋନୀ ଘୋଷ ପ୍ରକାଶ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ସମ୍ମିଳନୀ ଅତ୍ୟନ୍ତ ଜ୍ଞାନବର୍ଦ୍ଧକ ଏବଂ ତଥ୍ୟଭିତ୍ତିକ ଥିଲା। ବୈଠକରେ ଭାରତର 'ମୁକ୍ତ ବାଣିଜ୍ୟ ଚୁକ୍ତି' (ଏଫ୍‌ଟିଏ) ଏବଂ ଦେଶର ବିକାଶମୂଳକ 'ବ୍ଲୁ ଇକୋନୋମି' (ସାମୁଦ୍ରିକ ଅର୍ଥନୀତି) ଉପରେ ସକାରାତ୍ମକ ଆଲୋଚନା ହୋଇଛି। ଏହା ସହିତ ସଂସଦରେ ଆଗତ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକ ଉପରେ ମଧ୍ୟ ରଣନୀତି ପ୍ରସ୍ତୁତ କରାଯାଇଛି। ସାଂସଦ ଘୋଷଣ ପରୀକ୍ଷା ନିୟନ୍ତ୍ରଣ ପାଇଁ ସରକାରଙ୍କ ଆଗାମୀ ଆଇନଗତ ପଦକ୍ଷେପକୁ ପ୍ରଶଂସା କରିବା ସହ ଏନଡିଏର ବିକାଶମୂଳକ ଏଜେଣ୍ଡାରେ କାମ କରିବାକୁ ଦଳ ପ୍ରତିବଦ୍ଧ ବୋଲି ସୂଚନା ଦେଇଛନ୍ତି।

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରେ ତୃଣମୂଳ କଂଗ୍ରେସର ୨୦ ଜଣ ସାଂସଦ ନେତୃତ୍ୱ ପ୍ରତି ଅସନ୍ତୋଷ ପ୍ରକାଶ କରି ଦଳରୁ ପୃଥକ ହୋଇ ଆଞ୍ଚଳିକ ଦଳ 'ଏନସିପିଆଇ'ରେ ସାମିଲ ହୋଇଥିଲେ। ଦଳବଦଳ ବିରୋଧୀ ଆଇନର ଆଇନଗତ ଜଟିଳତାରୁ ବଞ୍ଚିବା ପାଇଁ ସେମାନେ ଏହି ମେଣ୍ଟ ପ୍ରକ୍ରିୟା ଆପଣାଇଥିଲେ ଏବଂ ଲୋକସଭା ବାଚସ୍ପତିଙ୍କୁ ପତ୍ର ଲେଖି ଏନ୍‌ଡିଏ ପ୍ରତି ସମର୍ଥନ ଘୋଷଣା କରିଥିଲେ। ନିକଟରେ ଏହି ସାଂସଦମାନଙ୍କୁ ସରକାରଙ୍କ ସର୍ବଦଳୀୟ ବୈଠକକୁ ଆମନ୍ତ୍ରଣ କରାଯିବା ପରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ସଂସଦରେ ତୀବ୍ର ପ୍ରତିବାଦ କରାଯାଇଥିଲା। ତେବେ ଏହି ସାଂସଦମାନେ ଏବେ ସଂସଦରେ ସ୍ୱତନ୍ତ୍ର ଆସନ ଗ୍ରହଣ କରିବା ସହ ଏନ୍‌ଡିଏର ସହଯୋଗୀ ଭାବେ କାର୍ଯ୍ୟ କରୁଛନ୍ତି।

# ନିଟ୍ ଆନ୍ଦୋଳନ ପରେ ସିଜେପି କର୍ମୀଙ୍କୁ ଆକ୍ରମଣ ଅଭିଯୋଗ



ନୂଆଦିଲ୍ଲୀ: ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧୀ ଆନ୍ଦୋଳନ ଶେଷ ହେବା ପରେ ମଧ୍ୟ ବିବାଦ ଥମିନାହିଁ। ରାଜଧାନୀ ଦିଲ୍ଲୀରେ ଆନ୍ଦୋଳନ ସହ ଜଡ଼ିତ କିଛି ପ୍ରଦର୍ଶନକାରୀଙ୍କୁ ଆକ୍ରମଣ, ଧମକ ଓ ସୋସିଆଲ ମିଡିଆରେ ବ୍ୟକ୍ତିଗତ ତଥ୍ୟ ପ୍ରକାଶ କରାଯାଉଥିବା ଅଭିଯୋଗ ଆସିଛି। ସିଜେପି (କକ୍ରୋଚ୍ ଜନତା ପାର୍ଟି) ପକ୍ଷରୁ ଏହାକୁ ନେଇ ଚିନ୍ତା ପ୍ରକାଶ କରାଯିବା ସହ ସରକାରଙ୍କୁ ସତର୍କ କରାଯାଇଛି। ଏପରି ହେଲେ ପୁଣି ଆନ୍ଦୋଳନ ହେବ ବୋଲି ସିଜେପି ଧମକ ଦେଇଛି। ସିଜେପି ନେତୃତ୍ୱ କହିଛି ଯେ, ଶାନ୍ତିପୂର୍ଣ୍ଣ ଆନ୍ଦୋଳନରେ ସାମିଲ ହୋଇଥିବା ଛାତ୍ର ଓ ଯୁବକମାନଙ୍କୁ ଟାର୍ଗେଟ୍ କରାଯାଉଛି। ବିଜେପି ସମର୍ଥକ ସୋସିଆଲ ମିଡିଆରେ ଆନ୍ଦୋଳନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ଅନେକ ଭିଡିଓ ଛାଡ଼ିଛନ୍ତି। ଆନ୍ଦୋଳନ ସମୟରେ କିଛି ପ୍ରଦର୍ଶନକାରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ଓ ସୁରକ୍ଷା ବଳଙ୍କ ବିରୋଧରେ ଆପତ୍ତିଜନକ ଓ ଅଭଦ୍ର ଟିପ୍ପଣୀ ଥିବା ଭିଡିଓ ମଧ୍ୟ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲେ। ସରକାରଙ୍କ ସମର୍ଥକମାନେ ଏହି ଭିଡିଓକୁ ବିରୋଧ କରି ଆନ୍ଦୋଳନକାରୀ ନିଜ ମର୍ଯ୍ୟାଦା ଉଲ୍ଲଂଘନ କରିଥିବା ଅଭିଯୋଗ କରିଛନ୍ତି। ସିଜେପିର କହିବା କଥା ଏହି ଭିଡ଼ିଓଗୁଡ଼ିକ ପୂରା ଆନ୍ଦୋଳନର ପ୍ରତିନିଧିତ୍ୱ କରୁନାହାନ୍ତି। କିଛି ଅସାମାଜିକ ତତ୍ତ୍ୱଙ୍କ କାର୍ଯ୍ୟକୁ ନେଇ ପୂରା ଆନ୍ଦୋଳନକୁ ବଦନାମ କରିବା ଉଚିତ ନୁହେଁ। ଆନ୍ଦୋଳନ ପରେ ସିଜେପି କର୍ମୀଙ୍କ ପରିଚୟ ଉଜାଗର କରାଯିବା ସହ ସେମାନଙ୍କୁ ଟାର୍ଗେଟ୍ କରାଯାଉଥିବା ସଂଗଠନ ଅଭିଯୋଗ କରିଛି। ଏକ ଭିଡିଓରେ, କନଟ୍ ପ୍ଲେସ୍‌ରେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରାଯାଉଛି। ଅନ୍ୟ ଏକ ଭିଡିଓରେ ଦେଖିବାକୁ ମିଳିଛି ଯେ ଜଣେ କିଛି ଲୋକ ଜଣେ ଯୁବକଙ୍କୁ ଘେରି ମାଡ଼ ମାରୁଛନ୍ତି। ପରେ ସେ ମୁଣ୍ଡରେ ଆଘାତ ପାଇ ଅଟୋରେ ବସିଥିବାର ନଜର ଆସିଥିଲେ। ଆନ୍ଦୋଳନକାରୀମାନଙ୍କୁ ପ୍ରଶ୍ନ କରାଯାଇଛି, ସେମାନେ ଭାରତକୁ ନେପାଳ କରିଦେବେ କି ଭାରତବାସୀ ଏହା ହେବାକୁ ଦେବେ ନାହିଁ। ସିଜେପି କହିଛି ଯେ, ଛାତ୍ରମାନଙ୍କ ବିରୋଧରେ କୌଣସି ପ୍ରକାର ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ନୁହେଁ। ଆନ୍ଦୋଳନକାରୀଙ୍କୁ ସରକାର ଯେଉଁ ଆଶ୍ୱାସନା ଦେଇଛନ୍ତି, ତାହା ପୂରଣ ହେବା ଦରକାର ବୋଲି ସଂଗଠନ କହିଛି।

## ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ୱାସିଂଟନରେ ନେତାନ୍ୟାହୁ

ୱାସିଂଟନ: ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମଙ୍ଗଳବାର ଆମେରିକା ଗସ୍ତରେ ଆସିଛନ୍ତି। ଏହି ଗସ୍ତ ସମୟରେ ସେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ହ୍ୱାଇଟ୍ ହାଉସ୍‌ରେ ବୈଠକ କରିବେ। ଇରାନ ସହ ଯୁଦ୍ଧ ପରବର୍ତ୍ତୀ ପରିସ୍ଥିତି, ମଧ୍ୟପ୍ରାଚ୍ୟର ସୁରକ୍ଷା ଓ ଆଞ୍ଚଳିକ ସ୍ଥିରତା ଏହି ବୈଠକର ପ୍ରମୁଖ ପ୍ରସଙ୍ଗ ହେବ। ଆମେରିକା ଯିବା ପୂର୍ବରୁ ନେତାନ୍ୟାହୁ କହିଛନ୍ତି ଯେ, ଟ୍ରମ୍ପଙ୍କ ସହ ଆଲୋଚନାରେ ଇରାନ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ରହିବ। ଇରାନର ପରମାଣୁ କାର୍ଯ୍ୟକ୍ରମ, କ୍ଷେପଣାସ୍ତ୍ର କ୍ଷମତା ଓ ତେହେରାନ ସମର୍ଥିତ ସଶସ୍ତ୍ର ଗୋଷ୍ଠୀମାନଙ୍କ କାର୍ଯ୍ୟକଳାପ ନେଇ ଉଭୟ ନେତା



ଆଲୋଚନା କରିପାରନ୍ତି। ଇସ୍ରାଏଲ ଚାହୁଁଛି, ଇରାନ ବିରୋଧରେ ଆମେରିକାର ଚାପ ଜାରି ରହୁ। ଏହା ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ଆରମ୍ଭ ପରଠାରୁ ଉଭୟ ନେତାଙ୍କ ଅଷ୍ଟମ ସାକ୍ଷାତ୍। ତେବେ ନିକଟ ଅତୀତରେ ଇରାନ ପ୍ରସଙ୍ଗକୁ ନେଇ ଉଭୟଙ୍କ ମଧ୍ୟରେ କିଛି ମତଭେଦ ଥିବା ଖବର ପ୍ରକାଶ ପାଇଥିଲା। ଟ୍ରମ୍ପ କୂଟନୈତିକ ପଦକ୍ଷେପକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ନେତାନ୍ୟାହୁ ଇରାନ ବିରୋଧରେ କଠୋର ସୁରକ୍ଷା ନୀତି ଜାରି ରଖିବା ସପକ୍ଷରେ ଅଛନ୍ତି। ବୈଠକରେ ଗାଜା ପରିସ୍ଥିତି, ଲେବାନନ ସୀମାର ସୁରକ୍ଷା ଓ ଯୁଦ୍ଧ ପରବର୍ତ୍ତୀ ମଧ୍ୟପ୍ରାଚ୍ୟର ବ୍ୟବସ୍ଥାକୁ ନେଇ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି। ଗାଜାରେ ସ୍ଥିରତା ଫେରାଇବା ପାଇଁ ଆନ୍ତର୍ଜାତିକ ବ୍ୟବସ୍ଥା ଓ ସୁରକ୍ଷା ସହଯୋଗ ପ୍ରସଙ୍ଗ ମଧ୍ୟ ଉଠିପାରେ। ଏହି ଗସ୍ତ ନେତାନ୍ୟାହୁଙ୍କ ପାଇଁ ରାଜନୈତିକ ଦୃଷ୍ଟିରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଇସ୍ରାଏଲରେ ଆଗାମୀ ନିର୍ବାଚନ ପୂର୍ବରୁ ସେ ଆମେରିକା ସହ ଘନିଷ୍ଠ ସମ୍ପର୍କ ଓ ନିରାପତ୍ତା ସହଯୋଗକୁ ଆହୁରି ସୁଦୃଢ଼ କରିବାକୁ ଚାହୁଁଛନ୍ତି। ସେହିପରି ମଧ୍ୟପ୍ରାଚ୍ୟର ବଦଳୁଥିବା ପରିସ୍ଥିତିରେ ଆମେରିକା-ଇସ୍ରାଏଲ ସମନ୍ୱୟକୁ ନେଇ ଏହି ବୈଠକ ଉପରେ ଆନ୍ତର୍ଜାତିକ ମହଲର ନଜର ରହିଛି।

## ରିଜର୍ଭ ବ୍ୟାଙ୍କ ପରେ କୋର୍ଟରୁ ଝଟକା, ପେଟିଏମ୍ ବ୍ୟାଙ୍କ ବନ୍ଦ କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ: ଭାରତୀୟ ରିଜର୍ଭ ବ୍ୟାଙ୍କ ସୂଚନା ଦେଇଛି ଯେ, ଦିଲ୍ଲୀ ହାଇକୋର୍ଟ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଲିମିଟେଡକୁ ବନ୍ଦ କରିବାକୁ ଆଦେଶ ଦେଇଛନ୍ତି। ଆରବିଆଇ ପକ୍ଷରୁ ବ୍ୟାଙ୍କର ବ୍ୟାଙ୍କିଙ୍ଗ ଲାଇସେନ୍ସ ବାତିଲ କରାଯିବାର କିଛି ମାସ ପରେ ଏହି ନିଷ୍ପତ୍ତି ଆସିଛି। ଆରବିଆଇ ଏପ୍ରିଲ ୨୦୨୬ରେ ନିୟମର ଲଗାତାର ଉଲ୍ଲଂଘନ ଅଭିଯୋଗରେ ପେଟିଏମ୍ ପେମେଣ୍ଟ ବ୍ୟାଙ୍କର ବ୍ୟାଙ୍କିଙ୍ଗ ଲାଇସେନ୍ସ ବାତିଲ କରିଥିଲା। ସେତେବେଳେ କେନ୍ଦ୍ରୀୟ ବ୍ୟାଙ୍କ କହିଥିଲା ଯେ, ବ୍ୟାଙ୍କର ପରିଚାଳନା ଜମାକାରୀଙ୍କ ସ୍ୱାର୍ଥ ପାଇଁ କ୍ଷତିକାରକ ଭାବରେ କରାଯାଉଥିଲା। ଏହାପରେ ଆରବିଆଇ ଦିଲ୍ଲୀ ହାଇକୋର୍ଟରେ ବ୍ୟାଙ୍କକୁ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ କରିଥିଲା। ଆରବିଆଇ ମଙ୍ଗଳବାର ଜାରି କରିଥିବା ବିଜ୍ଞପ୍ତିରେ କହିଛି ଯେ, ୮ ଜୁଲାଇ ୨୦୨୬ ଓ ୨୨ ଜୁଲାଇ ୨୦୨୬ର ଆଦେଶ ଅନୁଯାୟୀ ଦିଲ୍ଲୀ ହାଇକୋର୍ଟ ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ, ୧୯୪୯ ଏବଂ କମ୍ପାନିଜ୍ ଆକ୍ଟ, ୨୦୧୩ ଅନୁସାରେ ପେଟିଏମ ପେମେଣ୍ଟ ବ୍ୟାଙ୍କ ଲିମିଟେଡକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଞଞଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପୂର୍ବତନ ଚିଫ୍ ଜେନେରାଲ ମ୍ୟାନେଜର ଗିରିକୁମାର ଏମ୍. ନାୟରଙ୍କୁ ପେଟିଏମ ପେମେଣ୍ଟ ବ୍ୟାଙ୍କର ଅଫିସିଆଲ ଲିକ୍ୱିଡେଟର ଭାବେ ନିଯୁକ୍ତ କରିଛନ୍ତି। ଆରବିଆଇ କହିଛି, କୋର୍ଟ ଅଫିସିଆଲ ଲିକ୍ୱିଡେଟରଙ୍କୁ ବ୍ୟାଙ୍କିଙ୍ଗ ରେଗୁଲେସନ ଆକ୍ଟ, ୧୯୪୯ ଏବଂ କମ୍ପାନିଜ୍ ଆକ୍ଟ, ୨୦୧୩ ଅନୁଯାୟୀ ସମସ୍ତ କ୍ଷମତା ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି। ୮ ଜୁଲାଇ ୨୦୨୬ଠାରୁ ଅଫିସିଆଲ ଲିକ୍ୱିଡେଟର ପେଟିଏମ ପେମେଣ୍ଟ ବ୍ୟାଙ୍କର ବୋର୍ଡର ସମସ୍ତ କ୍ଷମତା ବ୍ୟବହାର କରୁଛନ୍ତି।

# କାଶ୍ମୀରରେ ଲାଣ୍ଡମାଇନ ବିସ୍ଫୋରଣ, ୨ ଯବାନ ଆହତ



ଶ୍ରୀନଗର: ଜମ୍ମୁ କାଶ୍ମୀରର ବାରମୂଳା ଜିଲ୍ଲାର ଉରି ସେକ୍ଟର ସ୍ଥିତ କମଲକୋଟ ଅଞ୍ଚଳରେ ଏଲ୍‌ଓସି (ନିୟନ୍ତ୍ରଣ ରେଖା) ନିକଟରେ ଆଜି ଲାଣ୍ଡମାଇନ ବିସ୍ଫୋରଣରେ ୨ ଜଣ ସେନା ଯବାନ ଗୁରୁତର ଆହତ ହୋଇଛନ୍ତି। ଆଗୁଆ ଅଞ୍ଚଳରେ ଆଜି ଅପରେସନ୍ ଜାରି ରହିଥିବାବେଳେ ଏହି ଘଟଣା ଘଟିଛି। ଉକ୍ତ ଘଟଣାପରେ ଆହତ ଯବାନମାନଙ୍କୁ ଶ୍ରୀନଗରର ୯୨ ବେସ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଛି। ସେନା କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନଙ୍କ ସ୍ଥିତିକୁ ଭଲଭାବେ ଯାଞ୍ଚ କରାଯାଉଛି। ତେବେ କେଉଁ ପରିସ୍ଥିତିରେ ବିସ୍ଫୋରଣ ହେଲା ତାହା ଜାଣିବାପାଇଁ ସୁରକ୍ଷାବାହିନୀ ତଦନ୍ତ ଆରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ ଆଗାମୀ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ପ୍ରସ୍ତୁତି ପାଇଁ ଜମ୍ମୁରେ ଆଜି ଏକ ଉଚ୍ଚ ସ୍ତରୀୟ ବୈଠକ ହୋଇଥିବାବେଳେ ଏହି ଘଟଣା ଘଟିଛି। ଜମ୍ମୁର ଡିଭିଜନାଲ କମିସନର ରମେଶ କୁମାର ବେଠକର ଅଧ୍ୟକ୍ଷତା କରିଥିଲେ ଏବଂ ପୁଲିସ ଆଇଜି ଭୀମ ସେନ ତୁତି ବୈଠକର ସହ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ।

## ହର୍ମୁଜ୍ ପ୍ରଣାଳୀରେ ଇରାନର ଏକଚାଟିଆ ନିୟନ୍ତ୍ରଣ: ୩ ଦିନରେ ଅତିକ୍ରମ କଲା ୭୮ଟି ଜାହାଜ

ନୂଆଦିଲ୍ଲୀ: ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଭିତରେ ଏକ ବଡ଼ ସାମୁଦ୍ରିକ ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗ ହର୍ମୁଜ୍ ପ୍ରଣାଳୀ ଏବେ ସମ୍ପୂର୍ଣ୍ଣ ରୂପେ ଇରାନର ନିୟନ୍ତ୍ରଣାଧୀନ ରହିଛି। ବିନା ଅନୁମତିରେ କୌଣସି ଜାହାଜ ଯାତାୟାତ କରିପାରିବ ନାହିଁ ବୋଲି ଇରାନ କଡ଼ା କଟକଣା ଲଗାଇଥିବାବେଳେ, ବର୍ତ୍ତମାନ ସମସ୍ତ ଜାହାଜ ତେହରାନ ଦ୍ୱାରା ନିର୍ଦ୍ଧାରିତ ମାର୍ଗ ବ୍ୟବହାର କରୁଥିବା ସ୍ପଷ୍ଟ ହୋଇଛି। ମେରିଟାଇମ୍ ଇଣ୍ଟେଲିଜେନ୍ସ ସଂସ୍ଥା 'ମାରିସ୍କସ୍'ର ତଥ୍ୟ ଅନୁଯାୟୀ, ଗତ ଶନିବାରରୁ ସୋମବାର ପର୍ଯ୍ୟନ୍ତ ମାତ୍ର ୩ ଦିନ ଭିତରେ ୭୮ଟି ଜାହାଜ ଏହି ପ୍ରଣାଳୀ ଅତିକ୍ରମ କରିଛି। ଏହି ଜାହାଜଗୁଡ଼ିକ ମଧ୍ୟରୁ ୨୦ଟିରେ ଇରାନର ପତାକା ଥିବାବେଳେ ଅନ୍ୟ ୫୮ଟି ଜାହାଜ ସମ୍ପୂର୍ଣ୍ଣ ଭାବେ ଇରାନ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା କରିଡର ବା ମାର୍ଗ ବ୍ୟବହାର କରିଛନ୍ତି। ସବୁଠାରୁ ବଡ଼ କଥା ହେଲା, ଆମେରିକା ସେନା ଦ୍ୱାରା ନିର୍ଦ୍ଦିଷ୍ଟ କରାଯାଇଥିବା କୌଣସି ବିକଳ୍ପ ଜାହାଜ ଲେନ୍ କିମ୍ବା ଓମାନ ଉପକୂଳ ନିକଟସ୍ଥ ମାର୍ଗ ଦେଇ ଗୋଟିଏ ହେଲେ ବି ଜାହାଜ ଯାତାୟାତ କରିଥିବା ଦେଖିବାକୁ ମିଳିନାହିଁ। ଏହି ଘଟଣା ମଧ୍ୟପ୍ରାଚ୍ୟରେ ଆମେରିକାର ପ୍ରଭାବକୁ ଚାଲେଞ୍ଜ କରି ଇରାନ ନିଜର ଶକ୍ତି ଓ ଦବ୍ ?ଦବାକୁ ପୁଣି ଥରେ ପ୍ରମାଣିତ କରିଛି।

# ଡିକେ ଶିବକୁମାର ସବୁଠାରୁ ଧନୀ ମୁଖ୍ୟମନ୍ତ୍ରୀ, ତୃତୀୟ ସ୍ଥାନରେ ବିଜୟ



ନୂଆଦିଲ୍ଲୀ: ଦେଶର ବର୍ତ୍ତମାନର ୩୧ ଜଣ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀଙ୍କ ସମ୍ପତ୍ତିକୁ ନେଇ ଆସୋସିଏସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ପକ୍ଷରୁ ପ୍ରକାଶିତ ସର୍ବଶେଷ ବିଶ୍ଳେଷଣରେ ୪ ଜଣ ମୁଖ୍ୟମନ୍ତ୍ରୀଙ୍କ ଘୋଷିତ ସମ୍ପତ୍ତି ୧୦୦ କୋଟି ଟଙ୍କାରୁ ଅଧିକ ବୋଲି ଜଣାପଡ଼ିଛି। ଏହି ତାଲିକାର ଶୀର୍ଷରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ରହିଛନ୍ତି। ତାଙ୍କର ମୋଟ ଘୋଷିତ ସମ୍ପତ୍ତି ୧,୪୧୩ କୋଟି ଟଙ୍କା। ଏହି ତାଲିକା ନିର୍ବାଚନ ସତ୍ୟପାଠରେ ଦର୍ଶାଯାଇଥିବା ସମ୍ପତ୍ତି ଆଧାରରେ ପ୍ରସ୍ତୁତ କରାଯାଇଛି। ତାଲିକାର ଦ୍ୱିତୀୟ ସ୍ଥାନରେ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁ ରହିଛନ୍ତି। ତାଙ୍କର ଘୋଷିତ ସମ୍ପତ୍ତି ୯୩୧ କୋଟି ଟଙ୍କା। ତୃତୀୟ ସ୍ଥାନରେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ତଥା ଅଭିନେତା ସି ଜୋସେଫ୍ ବିଜୟ (ବିଜୟ ଥାଲାପତି) ଅଛନ୍ତି। ତାଙ୍କ ଘୋଷିତ ସମ୍ପତ୍ତି ପ୍ରାୟ ୬୪୮ କୋଟି ଟଙ୍କା। ଚତୁର୍ଥ ସ୍ଥାନରେ ଅଛନ୍ତି ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଯାହାଙ୍କ ଘୋଷିତ ସମ୍ପତ୍ତିର ମୂଲ୍ୟ ୩୩୨ କୋଟି ଟଙ୍କା। ଏଡିଆର୍‌ର ବିଶ୍ଳେଷଣ ଅନୁସାରେ, ୩୧ ଜଣ ମୁଖ୍ୟମନ୍ତ୍ରୀଙ୍କ ହାରାହାରି ଘୋଷିତ ସମ୍ପତ୍ତି ୧୧୮.୦୭ କୋଟି ଟଙ୍କା। ଏଥିରୁ ୪ ଜଣଙ୍କ ସମ୍ପତ୍ତି ୧୦୦ କୋଟି ଟଙ୍କାରୁ ଅଧିକ ଥିବାବେଳେ ଅନ୍ୟମାନଙ୍କ ସମ୍ପତ୍ତି ଏହାଠାରୁ କମ୍। ରିପୋର୍ଟରେ ମୁଖ୍ୟମନ୍ତ୍ରୀମାନଙ୍କ ସମ୍ପତ୍ତି ସହ ଆପରାଧିକ ମାମଲା ଓ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କିତ ତଥ୍ୟ ମଧ୍ୟ ସାମିଲ କରାଯାଇଛି।

# କକ୍ରୋଚ୍ ପ୍ରଭାବ 'ରିଜର୍ଭେସନ୍ ହଟାଓ'ର ୫.୬ ନିୟୁତ ଅନୁଗାମୀ

ନୂଆଦିଲ୍ଲୀ: ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରୁଥିବା 'ରିଜର୍ଭେସନ୍ ହଟାଓ ଆନ୍ଦୋଳନ' (ଆର୍‌ଏଚ୍‌ଏ) ନାମକ ସାମାଜିକ ଗଣମାଧ୍ୟମ ଅଭିଯାନ ଦ୍ରୁତ ଗତିରେ ଲୋକପ୍ରିୟ ହେଉଥିବା ବେଳେ ଏହାର ପ୍ରଭାବରେ ସମାନ ଢାଞ୍ଚାର ଅନେକ ନୂଆ ଅଭିଯାନ ମଧ୍ୟ ଆରମ୍ଭ ହେଉଛି। ଏହାକୁ 'କକ୍ରୋଚ୍ ପ୍ରଭାବ' ବୋଲି କୁହାଯାଉଛି, ଯେଉଁଥିରେ ଗୋଟିଏ ଅଭିଯାନ ଲୋକପ୍ରିୟ ହେବା ପରେ ସେହିପରି ଅନେକ ଅଭିଯାନ




ଏକାସାଙ୍ଗରେ ସାମ୍ନାକୁ ଆସୁଛି। ସେଥିମଧ୍ୟରୁ କେତେକ ହାସ୍ୟରସାତ୍ମକ ନାମ ରହିଛି, ଯଥା 'ଦାରୁ ଜନତା ପାର୍ଟି' ଓ 'କବୁତର ଜନତା ପାର୍ଟି'। ଇ୨୦ ଜନତା ପାର୍ଟି (ଇଜେପି) ପରି ବଡ଼ ଆନ୍ଦୋଳନ ବି ରହିଛି, ଯାହା ଇଥାନୋଲ-ମିଶ୍ରିତ ପେଟ୍ରୋଲକୁ ନେଇ ଚିନ୍ତା ପ୍ରକଟ କରିଛି। ଏକ ବିଶ୍ଳେଷଣ ଅନୁସାରେ, 'ରିଜର୍ଭେସନ୍ ହଟାଓ' ଅଭିଯାନର ଅନୁସରଣକାରୀଙ୍କ ସଂଖ୍ୟା ୫୬ ଲକ୍ଷରୁ ଅଧିକରେ ପହଞ୍ଚିଛି। ରିପୋର୍ଟରେ କୁହାଯାଇଛି ଯେ, 'ରିଜର୍ଭେସନ୍ ହଟାଓ ଆନ୍ଦୋଳନ' (ଆର୍‌ଏଚ୍‌ଏ) କେବଳ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରିବାରେ ସୀମିତ ରହିନାହିଁ। ଏହା ପରେ ବିଭିନ୍ନ ସାମାଜିକ ଓ ରାଜନୈତିକ ପ୍ରସଙ୍ଗକୁ ନେଇ ସମାନ ଶୈଳୀରେ ଅନେକ ଅଭିଯାନ ଆରମ୍ଭ ହୋଇଛି।

ଏଗୁଡ଼ିକ ଦ୍ରୁତ ଗତିରେ ଅନୁସରଣକାରୀ ସଂଗ୍ରହ କରୁଥିବା ବେଳେ ବିଭିନ୍ନ ବିବାଦୀୟ ବିଷୟକୁ ନେଇ ପ୍ରଚାର କରୁଛନ୍ତି। ବିଶେଷଜ୍ଞମାନଙ୍କ ମତରେ, ସାମାଜିକ ଗଣମାଧ୍ୟମର ଆଲ୍‌ଗୋରିଦମ୍ ଲୋକପ୍ରିୟ ବିଷୟବସ୍ତୁକୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଉଥିବାରୁ ସମାନ ଧରଣର ନୂଆ ଅଭିଯାନ ଦ୍ରୁତ ଗତିରେ ପ୍ରସାରିତ ହେଉଛି।

**ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ପାଇଁ ଭାରତୀୟ ଦଳ**

# ଫେରିଲେ ବୁମ୍ରା, ଜାଡେଜା : ନବାଗତ ସାରାଂଶ

ନୂଆଦିଲ୍ଲୀ, ୨୮।୭(ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷରେ ଦୁଇଟି ଟେଷ୍ଟ ସିରିଜ ପାଇଁ ଟିମ୍ ଇଣ୍ଡିଆ ଘୋଷଣା କରାଯାଇଛି । ୧୫ ଜଣିଆ ଦଳରେ ଜଣେ ନୂଆ ମୁହଁ ସାମିଲ ହୋଇଛନ୍ତି । ଯେଉଁଥିରେ ୪ ଜଣ ବିଶେଷଜ୍ଞ ଦ୍ରୁତ ବୋଲର ମଧ୍ୟ ସାମିଲ ଅଛନ୍ତି । ଆଫଗାନିସ୍ତାନ ବିପକ୍ଷରେ ଟେଷ୍ଟରେ ଏକ ଚମତ୍କାର ଡେବ୍ୟୁ କରିଥିବା ମାନବ ସୁଥାରଙ୍କୁ ମଧ୍ୟ ଶ୍ରୀଲଙ୍କା ଗସ୍ତ ପାଇଁ ଟେଷ୍ଟ ଦଳରେ ସାମିଲ କରାଯାଇଛି । ଆହତ ସମସ୍ୟା ପାଇଁ ପ୍ରଥମ ଟେଷ୍ଟରୁ ୱାଶିଂଟନ ସୁନ୍ଦର ଦଳରୁ ବାହାରେ ଅଛନ୍ତି । ସବୁଠୁ ବଡ଼ କଥା ହେଉଛି ଅଭିଜ୍ଞ ଷ୍ଟାର ବୋଲର ରବୀନ୍ଦ୍ର ଜାଡ଼ଜା ଏବଂ ଯଶପ୍ରୀତ ବୁମରାଙ୍କର ଟେଷ୍ଟ ଟିମରେ ପ୍ରତ୍ୟାବର୍ତ୍ତନ ହୋଇଛି । ନୂଆ ଚେହେରା ଭାବେ ସରାଂଶ ଜୈନଙ୍କୁ ଦଳରେ ସାମିଲ କରାଯାଇଛି ।




ଶ୍ରୀଲଙ୍କା ଗସ୍ତ ପାଇଁ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଟିମ୍ ଇଣ୍ଡିଆକୁ ଫେରିଛନ୍ତି । ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟ ପାଇଁ ତାଙ୍କୁ ବିଶ୍ରାମ ଦିଆଯାଇଥିଲା । ସମାନ ଭାବେ ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ସିରିଜରୁ ବାଦ ପଡିଥିଲେ ବୁମରା । ବର୍ତ୍ତମାନ ବୁମରା ଆହତ ଅଛନ୍ତି । ସୁସ୍ଥ ହେବା ପରେ ଦଳରେ ଯୋଗ ଦେବେ । ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ଦଳରେ ପ୍ରଥମ ଥର ପାଇଁ ମନୋନୀତ ହୋଇଥିବା। ଗୁରନୁର ବ୍ରାରଙ୍କୁ ଡେବ୍ୟୁ କରିବାର ସୁଯୋଗ ମିଳିନଥିଲା । ଆଶା କରାଯାଉଛି, ଶ୍ରୀଲଙ୍କାରେ ତାଙ୍କର ଟେଷ୍ଟ ଡେବ୍ୟୁ ପାଇଁ ଅପେକ୍ଷାର ଅନ୍ତ ହେବ । ବ୍ୟାଟ୍ର ସାଇ ସୁଦର୍ଶନ ଅନଫିଟ୍ ହେବା ସତ୍ତ୍ୱେ ଦଳରେ ସ୍ଥାନ ସୁରକ୍ଷିତ କରିବାରେ ସଫଳ ହୋଇଛନ୍ତି । ତଥାପି, ଯଶପ୍ରୀତ ବୁମରାହଙ୍କ ପରି, ସାଇ ସୁଦର୍ଶନଙ୍କ ଉପଲବ୍ଧତା ଫିଟନେନ୍ ଉପରେ ନିର୍ଭର କରିବ । ଘରୋଇ କ୍ରିକେଟକୁ ନିକଟରୁ ଅନୁସରଣ କରୁଥିବା ପ୍ରଶଂସକଙ୍କ ପାଇଁ ସାରାଂଶ ଜୈନଙ୍କ ଭାରତୀୟ ଦଳରେ ସାମିଲ ହେବା କୌଣସି ଆଶ୍ଚର୍ଯ୍ୟର ବିଷୟ ନୁହେଁ। ଏହି ଅଫ୍-ସ୍ପିନର ଜଣଙ୍କ ଭାରତର ଅନ୍ୟତମ ସଫଳ ରେଡ୍ ବଲ୍ ଅଲରାଉଣ୍ଡର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ଘରୋଇ କ୍ରିକେଟରେ ସୃଷ୍ଟି କରିଛନ୍ତି। ସେ କ୍ରମାଗତ ଭାବେ ବ୍ୟାଟ୍ ଓ ବଲ୍ ଉଭୟରେ ଲଗାତାର ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କୁ ସିନିୟର ଭାରତୀୟ ଦଳରେ ସୁଯୋଗ ମିଳି ନଥିଲା।

ତାଙ୍କର ଚୟନ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସମୟରେ ହୋଇଛି। ୱାଶିଂଟନ ସୁନ୍ଦର ବର୍ତ୍ତମାନ ହାମଷ୍ଟ୍ରିଙ୍ଗ୍ ସମସ୍ୟାରୁ ସୁସ୍ଥ ହୋଇ ନାହାନ୍ତି। ସେ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ଖେଳିବେ ନାହିଁ। ସେହିପରି ଦ୍ୱିତୀୟ ଟେଷ୍ଟରେ ତାଙ୍କ ଉପଲବ୍ଧତା ଫିଟନେସ୍ କ୍ଲିୟରାନ୍ସ ଉପରେ ନିର୍ଭର କରେ।

ସୁନ୍ଦରଙ୍କ ଫିଟନେସ୍‌କୁ ନେଇ ଅନିଶ୍ଚିତତା ଥିବା ବେଳେ ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ ଓ ମାନବ ସୁତାରଙ୍କ ସହ ଦଳକୁ ସନ୍ତୁଳିତ କରିବା ପାଇଁ ଜଣେ ବିଶେଷଜ୍ଞ ଡାହାଣହାତୀ ଫିଙ୍ଗର୍ ସ୍ପିନରଙ୍କ ଆବଶ୍ୟକତା ଥିଲା। ଏହି ପରିସ୍ଥିତିରେ ଚୟନକର୍ତ୍ତାମାନେ ସାରାଂଶ ଜୈନଙ୍କ ଉପରେ ଭରସା ଦେଖାଇଛନ୍ତି। ସେ ନିମ୍ନକ୍ରମରେ ବ୍ୟାଟିଂ ମଧ୍ୟ କରିପାରିବେ।

ଜୈନ କିଛି ସପ୍ତାହ ପୂର୍ବରୁ ଶ୍ରୀଲଙ୍କା ଗସ୍ତରେ ଭାରତ 'ଏ' ଦଳ ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ। ଦୁଇଟି ମ୍ୟାଚ୍‌ରେ ସେ ୬ଟି ୱିକେଟ୍ ନେବା ସହ ଅପରାଜିତ ୭୦ ରନ୍ କରିଥିଲେ। ଏହି ପ୍ରଦର୍ଶନ ଯୋଗୁ ଏବେ ତାଙ୍କୁ ଭାରତୀୟ ଟେଷ୍ଟ ଟିମରେ ସୁଯୋଗ ମିଳିଛି। ସରାଂଶ ଜଣେ ବାମହାତୀ ବ୍ୟାଟସମ୍ୟାନ୍ ଏବଂ ଜଣେ ଡାହାଣହାତୀ ଅଫ୍ ସ୍ପିନର । ତାଙ୍କର ପ୍ରଥମ ଶ୍ରେଣୀ କ୍ୟାରିୟରରେ, ସେ ୫୪ଟି ମ୍ୟାଚରେ ୨,୨୦୦ ରୁ ଅଧିକ ରନ ସଂଗ୍ରହ କରିଛନ୍ତି ଏବଂ ୧୮୮ଟି ୱିକେଟ ନେଇଛନ୍ତି ।

ଖେଳାଯିବ ୨ଟି ଟେଷ୍ଟ ମ୍ୟାଚ୍- ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ୨ଟି ଟେଷ୍ଟ ମ୍ୟାଚ୍ ଖେଳାଯିବ । ପ୍ରଥମ ଟେଷ୍ଟ ଅଗଷ୍ଟ ୧୫ରୁ ୧୯ ତାରିଖରେ ଗାଲେରେ ଖେଳାଯିବ । ଦ୍ୱିତୀୟ ଟେଷ୍ଟ କଲୋମ୍ବୋରେ ଅଗଷ୍ଟ ୨୩ରୁ ୨୭ ଯାଏ ଚାଲିବ । ଅଗଷ୍ଟ ୪ ତାରିଖରେ ଶ୍ରୀଲଙ୍କା ଗସ୍ତ କରିବ ଟିମ୍ ଇଣ୍ଡିଆ । ଅଗଷ୍ଟ ୭ରେ ୪ ଦିନିଆ ୱାର୍ମ ଅପ୍ ମ୍ୟାଚ୍ ଖେଳିବ।

ଭାରତୀୟ ଟିମ୍- ଶୁଭମନ ଗିଲ (ଅଧିନାୟକ), ଋଷଭ ପନ୍ତ (ଉପ-ଅଧିନାୟକ), ଯଶସ୍ୱୀ ଜୈସ୍ୱାଲ, କେ.ଏଲ୍ ରାହୁଲ, ସାଇ ସୁଦର୍ଶନ, ଧ୍ରୁବ ଜୁରେଲ, ଦେବଦତ୍ତ ପାଡ଼ିକଲ, ମାନବ ସୂତାର, ରବିନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ଜସପ୍ରୀତ ବୁମ୍ରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର, ସାରାଂଶ ଜୈନ ।

## କିଏ ଏହି ସାରାଂଶ ଜୈନ

ଇନ୍‌ଦୋରରେ ଜନ୍ମିତ ସାରାଂଶ ଜୈନ ୨୦୧୪-୧୫ ଋତୁରେ ମଧ୍ୟପ୍ରଦେଶ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ। ସେବେଠାରୁ ସେ ଦଳର ଅନ୍ୟତମ ଭରସାଯୋଗ୍ୟ ଖେଳାଳି ହୋଇ ରହିଛନ୍ତି। ୫୪ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ଏହି ଡାହାଣହାତୀ ଅଫ୍-ସ୍ପିନର ୩୧.୭୫ ହାରରେ ୨,୦୦୦ରୁ ଅଧିକ ରନ୍ କରିଥିବାବେଳେ ୨୭.୩୦ ହାରରେ ୧୮୮ଟି ୱିକେଟ୍ ନେଇଛନ୍ତି। ଜୈନଙ୍କ ପରିବାର ମଧ୍ୟ କ୍ରିକେଟ ସହ ଜଡିତ। ସାରାଂଶଙ୍କ ବାପା ସୁବୋଧ ଜୈନ ମଧ୍ୟ ରଣଜୀ ଟ୍ରଫିରେ ମଧ୍ୟପ୍ରଦେଶର ପ୍ରତିନିଧିତ୍ୱ କରିଥିଲେ। ତେବେ ସାରାଂଶଙ୍କ କ୍ୟାରିୟରର ପ୍ରାରମ୍ଭିକ ସମୟରେ ପରିବାରକୁ ଗୋଟିଏ ଚ୍ୟାଲେଞ୍ଜିଂ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା। ସାରାଂଶ ଅଷ୍ଟ୍ରେଲିଆ ଗସ୍ତରେ ଥିବା ବେଳେ ତାଙ୍କ ବାପାଙ୍କର କ୍ୟାନ୍ସର ଅସ୍ତ୍ରପଚାର ହୋଇଥିଲା। ଅପରେସନ ପରେ କଥା କହିପାରୁ ନଥିବା ସୁବୋଧ ନିଜ ପୁଅଙ୍କୁ ଏକ ଚିଠି ଲେଖି କ୍ରିକେଟ ଉପରେ ଧ୍ୟାନ କେନ୍ଦ୍ରିତ ରଖିବାକୁ କହିଥିଲେ। ସାରାଂଶ ସେହି ହାତଲେଖା ଚିଠିକୁ ନିଜ କ୍ୟାରିୟର ସାରା ସଂରକ୍ଷିତ ରଖିଛନ୍ତି। ସାରାଂଶ ୨୦୨୧-୨୨ ରଣଜୀ ଟ୍ରଫି ବିଜେତା ମଧ୍ୟପ୍ରଦେଶ ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ। ନକ୍‌ଆଉଟ୍ ପର୍ଯ୍ୟାୟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ପରେ ମୁମ୍ବାଇ ବିପକ୍ଷ ଫାଇନାଲରେ ସେ ଗୁରୁତ୍ୱପୂର୍ଣ୍ଣ ୫୭ ରନ୍ କରିଥିଲେ। ତାଙ୍କର ଏହି ଇନିଂସ ମଧ୍ୟପ୍ରଦେଶକୁ ନିଜର ପ୍ରଥମ ରଣଜୀ ଟ୍ରଫି ଜିତିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ୨୦୨୨-୨୩ ରଣଜୀ ଟ୍ରଫିରେ ଜୈନ ୩୬୦ ରନ୍ କରିବା ସହ ୩୫ଟି ୱିକେଟ୍ ନେଇଥିଲେ। ଏହି ପ୍ରଦର୍ଶନ ପାଇଁ ସେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ଲାଲା ଅମରନାଥ ପୁରସ୍କାର ପାଇଥିଲେ। ପରବର୍ତ୍ତୀ ରଣଜୀ ଅଭିଯାନରେ ସେ ୫୭.୫୫ ହାରରେ ୫୧୮ ରନ୍ କରିବା ସହ ୨୦.୪୩ ହାରରେ ୩୦ଟି ୱିକେଟ୍ ନେଇଥିଲେ। ୨୦୨୫ ଦୁଲୀପ ଟ୍ରଫିରେ ମଧ୍ୟ ଜୈନ ନିଜର ଦବଦବା ଦେଖାଇଥିଲେ। ସେ ୧୬ଟି ୱିକେଟ୍ ନେଇ ସେଣ୍ଟ୍ରାଲ ଜୋନ୍‌କୁ ଚାମ୍ପିୟନ କରାଇଥିଲେ ଓ ପ୍ଲେୟର ଅଫ୍ ଦ ସିରିଜ୍ ପୁରସ୍କାର ଜିତିଥିଲେ। ଘରୋଇ କ୍ରିକେଟରେ ଗୋଟିଏ ଦଶନ୍ଧିରୁ ଅଧିକ ସମୟ ବିତାଇବା ପରେ ଜୈନ ନିଜର ସ୍ୱପ୍ନ ପୂରଣ କରିବାର ଦ୍ୱାରରେ ପହଞ୍ଚିଛନ୍ତି। ଏବେ କେବଳ ଡେବ୍ୟୁ ଅପେକ୍ଷାରେ ସେ ରହିଛନ୍ତି।

# ୪ ରଣଜୀ ହିରୋ ପୁଣି ହେଲେ ଅଣଦେଖା

ନୂଆଦିଲ୍ଲୀ, ୨୮/୭ : ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ ମଙ୍ଗଳବାର ଶ୍ରୀଲଙ୍କା ଗସ୍ତରେ ହେବାକୁ ଥିବା ୨ ମ୍ୟାଚର ଟେଷ୍ଟ ସିରିଜ ଲାଗି ଟିମ୍ ଇଣ୍ଡିଆର ଘୋଷଣା କରିଛି । ଟିମରେ କେତେକ ଖେଳାଳୀ ଫେରିଛନ୍ତି, ଯାହାକି ଅନଫୋଲ୍ଡ ଖେଳାଳୀଙ୍କୁ ବି ସ୍ଥାନ ମିଳିଛି । କିନ୍ତୁ ୪ ରଣଜୀ ହିରୋଙ୍କୁ ପୁଣି ଥରେ ନଜର ଅନ୍ଦାଜ କରାଯାଇଛି । ଏଥିରେ ଜଣେ ଏଭଳି ବୋଲର ସାମିଲ ଅଛନ୍ତି ଯିଏ ୧୦ମ୍ୟାଚରେ ୬୦ୱିକେଟ ନେଇଛନ୍ତି । ଲିଷ୍ଟରେ ସବୁଠାରୁ ପ୍ରଥମ ନାଁ ଜମ୍ମୁ ଏଣ୍ଡ କଶ୍ମୀରର ଦ୍ରୁତ ବୋଲର ଆକିବ ନବୀ ସାମିଲ ଅଛନ୍ତି । ୨୦୨୫-୨୬ ରଣଜୀ ଟ୍ରଫିରେ ଆକିବ ୧୦ମ୍ୟାଚରେ ୬୦ୱିକେଟ ନେଇଥିଲେ । ଏହି ସିଜନରେ ସବୁଠାରୁ ଅଧିକ ୱିକେଟ ନେଇଥିବା ବୋଲର ଥିଲେ । ଏହାପରଠାରୁ ଲଗାତର ତାଙ୍କୁ ଟିମ୍ ଇଣ୍ଡିଆରେ ନେବାକୁ ଦାବି ଉଠୁଛି । କିନ୍ତୁ ଶ୍ରୀଲଙ୍କା ଗସ୍ତ ଲାଗି ବି ଆକିବଙ୍କୁ ନଜରଅନ୍ଦାଜ କରାଯାଇଛି । ଶାମୀ ଭାରତ ଲାଗି ଶେଷ ଟେଷ୍ଟ ଜୁନ ୨୦୨୩ରେ ଖେଳିଥିଲେ । ଏହାପରେ ସେ ଲଗାତର ଘରୋଇ କ୍ରିକେଟ ଖେଳୁଛନ୍ତି । ବଙ୍ଗଳା ଲାଗି ଫାଷ୍ଟ କ୍ଲାସ ଖେଳୁଥିବା ଶାମୀ ୨୦୨୫-୨୬ରଣଜୀ ଟ୍ରଫିର ୭ ମ୍ୟାଚରେ ୩୭ୱିକେଟ ନେଇଥିଲେ। କର୍ଣ୍ଣାଟକ ଲାଗି ଘରୋଇ କ୍ରିକେଇ ଖେଳୁଥିବା ରବିଚନ୍ଦ୍ରନ ସ୍ମରଣ ୨୦୨୫-୨୬ ରଣଜୀ ଟ୍ରଫିରେ ସବୁଠାରୁ ଅଧିକ ରନ୍ କରିଥିବା ବ୍ୟାଟର ଥିଲେ । ସେ ୯ ମ୍ୟାଚରେ ୮୬.୩୬ ପ୍ରତିଶତରେ ୯୫୦ରନ୍ କରିଥିଲେ । ଏହାପରେ ବି ତାଙ୍କୁ ଟେଷ୍ଟ ଟିମରେ ସ୍ଥାନ ମିଳିପାରିଲା ନାହିଁ । ଏହି ସମୟରେ ୨୩ବର୍ଷୀୟ ସ୍ମରଣଙ୍କ ବ୍ୟାଟରୁ ୪ଶତକ ବାହାରିଥିଲା । କରୁଣ ନାୟରଙ୍କୁ ଗୋଟିଏ ଥର ସୁଯୋଗ ମିଳିଲା, କିନ୍ତୁ ତାଙ୍କୁ ପୁଣି ଡ୍ରପ୍ କରିଦିଆଗଲା । ୨୦୨୫ରେ ଇଂଲଣ୍ଡ ଗସ୍ତରେ ଖେଳାଯାଇଥିବା ଟେଷ୍ଟ ସିରିଜରେ ସେ ଖେଳୁଥିବା ନଜର ଆସିଥିଲେ । ଏହାପରେ ଡ୍ରପ ହୋଇଥିଲେ ଏବଂ ୨୦୨୫-୨୬ରଣଜୀ ଟ୍ରଫିରେ ତାଙ୍କ ବ୍ୟାଟ୍ ଖୁବ୍ ଚାଲିଥିଲା । ନାୟର ୯ମ୍ୟାଚରେ ୫୮.୨୫ପ୍ରତିଶତରେ ୬୯୯ରନ କରିଥିଲେ । ଏହାପରେ ପୁଣି ଥରେ ତାଙ୍କର ଟିମରେ ସାମିଲ ହେବା ନେଇ ଆଶା ବଢି ଯାଇଥିଲା ।

## ଗ୍ରେଭ୍‌ସଙ୍କ ନୂଆ ଟେଷ୍ଟ୍ ରେକର୍ଡ

### ଲଗାତାର ୫ ମେଡେନ୍ ଓଭରରେ ୫ ୱିକେଟ୍

ତରେବା:ଅପ୍ରତ୍ୟାଶିତ। ବିରଳ। ଆଶ୍ଚର୍ଯ୍ୟଜନକ। ଏମିତି କିଛି ପ୍ରଦର୍ଶନ କରିଛନ୍ତି ୱେଷ୍ଟଇଣ୍ଡିଜର ଦ୍ରୁତ ବୋଲର ଜଷ୍ଟିନ ଗ୍ରିଭ୍ସ। ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟରେ ସେ ଐତିହାସିକ କୀର୍ତ୍ତିମାନ ହାସଲ କରିଛନ୍ତି। ତ୍ରିନିଦାଦରେ ଚାଲିଥିବା ପ୍ରଥମେ ଟେଷ୍ଟରେ ସେ ଏକାକୀ ପାକିସ୍ତାନ ବ୍ୟାଟରଙ୍କ ଧଜିଆ ଉଡାଇଛନ୍ତି। ପୂର୍ବରୁ କୌଣସି କ୍ରିକେଟର ହାସଲ କରି ପାରି ନଥିବା ରେକର୍ଡ



ଗ୍ରିଭ୍ସ ନିଜ ନାଁରେ କରିପାରିଛନ୍ତି। ଇଣ୍ଡିଜର ଏହି ଦ୍ରୁତ ବୋଲର ଜଣଙ୍କ କ୍ରିକେଟ ଇତିହାସର ପ୍ରଥମ ଖେଳାଳି ଭାବେ କ୍ରମାଗତ ୫ ଓଭରରେ କୌଣସି ରନ ନ ଦେଇ ୫ ୱିକେଟ ହାସଲ କରିଛନ୍ତି। ଟେଷ୍ଟ କ୍ରିକେଟରେ ଶୂନ ରନ ଦେଇ ୫ ୱିକେଟ ଦଖଲ ପୂର୍ବରୁ କେବେ ବି ଦେଖିବାକୁ ମିଳି ନଥିଲା। ହେଲେ ୱେଷ୍ଟଇଣ୍ଡିଜ ବନାମ ପାକିସ୍ତାନ ମଧ୍ୟରେ ଚାଲିଥିବା ପ୍ରଥମ ଟେଷ୍ଟର ତୃତୀୟ ଦିନରେ ଏମିତି କିଛି ବିରଳ ଘଟଣା ଘଟିଛି। ଟେଷ୍ଟ କ୍ରିକେଟର ୧୪୯ ବର୍ଷ ଇତିହାସ ମଧ୍ୟରେ ଏହା ପ୍ରଥମ ଘଟଣା।

ଗ୍ରିଭ୍ସ ଲଞ୍ଚ ପୂର୍ବରୁ ଓ ଲଞ୍ଚ ପରେ ପକାଇଥିବା ସ୍ପେଲରେ ପାକିସ୍ତାନର ୫ ଜଣ ବ୍ୟାଟରଙ୍କ ୱିକେଟ ନେଇଛନ୍ତି। ଏଥିସହ ସେ ନିଜ ଟେଷ୍ଟ କ୍ୟାରିୟରରେ ପ୍ରଥମ ଥର ୫ ୱିକେଟ ସଫଳତା ପାଇଛନ୍ତି।

୫ ଓଭରରେ ଶୂନ ରନ ଦେଇ ୫ ୱିକେଟ ଦଖଲ କରିବା ପରେ ଗ୍ରିଭ୍ସ ଇଂଲଣ୍ଡର ପୂର୍ବତନ ଦ୍ରୁତ ବୋଲର ଷ୍ଟୁଆର୍ଟ ବ୍ରଡଙ୍କ ରେକର୍ଡକୁ ଅତିକ୍ରମ କରି ଯାଇଛନ୍ତି। ବ୍ରଡ ୨୦୧୬ ଜାନୁଆରୀରେ କ୍ରମାଗତ ୪ ଓଭରରେ ଶୂନ ରନ ଦେଇ ୪ ୱିକେଟ ନେଇଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ଜୋହାନ୍ସବର୍ଗ ଟେଷ୍ଟରେ ତାଙ୍କୁ ଏପରି ସଫଳତା ମିଳିଥିଲା। ୧୦ ବର୍ଷ ପରେ ଗ୍ରିଭ୍ସ ତାଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ୩୨ ବର୍ଷୀୟ ଗ୍ରିଭ୍ସ ନିଜ ଐତିହାସିକ ସ୍ପେଲରେ ପାକିସ୍ତାନର ଶାନ୍ ମସୁଦ, ମହମ୍ମଦ ରିଜୱାନ, ଆମୀର ଜମାଲ, ଅଲୀ ଉସମାନ ଓ ମହମ୍ମଦ ଆବାସଙ୍କୁ ଆଉଟ୍ କରିଛନ୍ତି। ସେ ପ୍ରଥମ ଇନିଂସରେ ୧୧ ଓଭରରେ ୬ଟି ମେଡେନ୍ ସହ ୨୭ ରନ୍ ଦେଇ ୫ଟି ୱିକେଟ୍ ଦଖଲ କରିଛନ୍ତି। ତାଙ୍କ ଘାତକ ବୋଲିଂ ଯୋଗୁ ପାକିସ୍ତାନ ପ୍ରଥମ ଇନିଂସରେ ମାତ୍ର ୨୮୨ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଛି।

## ୟୁଏସ୍ ଓପନ୍ ମିଶ୍ରିତ ଯୁଗଳରେ ଏକାଠି ଖେଳିବେ ଜୋକୋଭିକ୍-ସାବାଲେଙ୍କା

ନୂଆଦିଲ୍ଲୀ, ୨୮।୭: ଟେନିସ କିଂବଦନ୍ତି ନୋଭାକ ଜୋକୋଭିକ୍ ଓ ଆରିନା ସାବାଲେଙ୍କା ଆଗାମୀ ୟୁଏସ୍ ଓପନ୍ ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ଏକାଠି ଖେଳିବେ। ଏହି ଯୋଡି ୧୬ ଦଳୀୟ ଏହି ପ୍ରତିଯୋଗିତାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାର ବିଜେତା ଦଳକୁ ୧ ମିଲିୟନ୍ ଡଲାର (ଭାରତୀୟ ମୁଦ୍ରାରେ ୯.୫ କୋଟିରୁ ଅଧିକ) ପୁରସ୍କାର ପ୍ରଦାନ କରାଯିବ। ଫଳରେ ଗତ ବର୍ଷଠୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ପ୍ରତି ପୁଣିଥରେ ଅନେକ ଶ୍ରେଷ୍ଠ ଏକକ ଟେନିସ୍ ଖେଳାଳି ଆକୃଷ୍ଟ ହୋଇଛନ୍ତି। ଜୋକୋଭିକ୍-ସାବାଲେଙ୍କା ବାଦ୍ ତାରକା ଖେଳାଳି



ଗତ ସଂସ୍କରଣର ଉପବିଜେତା ଯୋଡି ଇଗା ସ୍ୱିତେକ-କାସ୍ପର ରୁଡ୍, ଏଲିନା ରିବାକିନା ଓ ଟେଲର ଫ୍ରିଜ୍, ନାଓମି ଓସାକା ଓ କେଇ ନିଶିକୋରି ଏବଂ ଜେସିକା ପେଗୁଲା ଓ ଜ୍ୟାକ୍ ଡ୍ରାପର ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

ତେବେ ବିଜେତା ସାରା ଇରାନୀ ଓ ଆନ୍ଦ୍ରିଆ ଭଭାସୋରିଙ୍କ ଏକକ ମାନ୍ୟତା କମ୍ ଥିବାରୁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଏମାନଙ୍କୁ ୱାଇଲ୍ଡ କାର୍ଡର ଆବଶ୍ୟକତା ପଡିବ। ଏହି ପ୍ରତିଯୋଗିତାର ମୁଖ୍ୟ ଡ୍ର ଅଗଷ୍ଟ ୨୫ ଓ ୨୬ ତାରିଖରେ ନ୍ୟୁୟର୍କ ସିଟିର ଏଥର ଏସ୍ ଷ୍ଟାଡିୟମ୍ ଓ ଲୁଇସ ଆମଷ୍ଟ୍ରଙ୍ଗ ଷ୍ଟାଡିୟମ୍‌ରେ ଖେଳାଯିବ। ୬ଟି ଶ୍ରେଷ୍ଠ ମିଳିତ ଏକକ ମାନ୍ୟତା ଯୋଡି ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ୮ଟି ଦଳ ୱାଇଲ୍ଡ କାର୍ଡ ଦ୍ୱାରା ପ୍ରତିଯୋଗିତାରେ ଖେଳିବାକୁ ମନୋନୀତ ହେବେ। ସେହିଭଳି ଅନ୍ୟ ଦୁଇ ଦଳ ଅଗଷ୍ଟ ୨୪ ତାରିଖରେ ଯୋଗ୍ୟତା ପର୍ଯ୍ୟାୟ ଖେଳି ଆସବେ।

## ବିଶ୍ୱ ବନ୍ଧୁକଚାଳନା: ସୋନମ-ହିମାଂଶୁଙ୍କୁ କାଂସ୍ୟ



**ଚତୁର୍ଥ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଥିଲେ**

ହାଙ୍ଗଝୌ ୨୮।୭:: ଭାରତୀୟ ରାଇଫଲ ସୁଟର୍ ସୋନମ ଉତ୍ତମ ମାସ୍କର ଓ ହିମାଂଶୁ ଧିଲନ ଚଳିତ ଆଇଏସ୍ଏସ୍ଏଫ୍ ବିଶ୍ୱକପ୍ ରାଇଫଲ/ପିସ୍ତଲ/ସଟ୍‌ଗନ୍ ପ୍ରତିଯୋଗିତାରେ କାଂସ୍ୟ ଜିତିଛନ୍ତି। ହାଙ୍ଗ୍‌ଝୌରେ ଚାଲିଥିବା ଏହି ପ୍ରତିଯୋଗିତାର ୧୦ ମିଟର ଏୟାର ପିସ୍ତଲ ଟିମ୍ ଇଭେଣ୍ଟ୍‌ରେ ଏହି ଯୋଡି ତୃତୀୟ ସ୍ଥାନରେ ରହିଥିଲେ। ଯୋଗ୍ୟତା ପର୍ଯ୍ୟାୟରେ ସୋନମ (୩୧୭.୨) ଓ ହିମାଂଶୁ (୩୧୭.୪) ଏକାଠି ୬୩୪ .୬ ପଏଣ୍ଟ ସହ ଫାଇନାଲ୍ ସ୍ଥାନ ପକ୍କା କରିଥିଲେ। ତାଙ୍କ ସହ ଅନ୍ୟ ଏକ ଭାରତୀୟ ଯୋଡିଇଲାଭେନିଲ ଭାଲାରିଭାନ (୩୧୬.୮) ଓ ପାର୍ଥ ରାକେଶ ମାନେ (୩୧୭,୪) ମୋଟ ୬୩୪.୨ ସ୍କାର୍ ସହ ଫାଇନାଲ୍‌ରେ ପହଞ୍ଚିଥିଲେ।

ଫାଇନାଲ୍‌ରେ ସୋନମ ଓ ହିମାଂଶୁ ୪୪୧.୨ ପଏଣ୍ଟ (ଉଭୟ ୨୨୦.୬ ଲେଖାଏଁ) ପାଇ ଦୁଇ ଚୀନ୍ ଯୋଡିଙ୍କଠୁ ପଛରେ ପଡି କାଂସ୍ୟ ପାଇଥିଲେ। ତେବେ ଇଲାଭେନିଲ (୧୯୦.୫) ଓ ପାର୍ଥ (୧୮୮.୩) ୩୭୮ ପଏଣ୍ଟ ଚତୁର୍ଥ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଥିଲେ। ଏହି କାଂସ୍ୟ ସହ ଭାରତର ପଦକ ସଂଖ୍ୟା ୪ (୧ ସ୍ୱର୍ଣ୍ଣ, ୧ ରେପ୍ୟ ଓ ୨ କାଂସ୍ୟ)ରେ ପହଞ୍ଚିଛି।

## ଗୋଟିଏ ଦିନରେ ଯାଆଁଳା ଭଗ୍ନୀଙ୍କୁ ଜିମ୍ନାଷ୍ଟିକ୍ସ ପଦକ

ଗ୍ଲାସ୍‌ଗୋ, ୨୮।୭: ଯାଆଁଳା ରୋପର ଭଉଣୀ ଆବିଗେଲ ଓ ଇମିଲି ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାର ଜିମ୍ନାଷ୍ଟିକ୍ସରେ ଅଲଗା ଅଲଗା ଇଭେଣ୍ଟ୍‌ରେ ଦୁଇଟି ପଦକ ଜିତିଛନ୍ତି। ଏହି ଦୁଇ ଯାଆଁଳା ଭଉଣୀ ମଧ୍ୟ ୱେଲ୍ସ ପାଇଁ




ପ୍ରଥମ ଜିମ୍ନାଷ୍ଟିକ୍ସ ପଦକ ଜିତିଛନ୍ତି। ଏହି ଦୁଇ ଭଉଣୀ ଜିମ୍ନାଷ୍ଟିକ୍ସର ଦୁଇ ଇଭେଣ୍ଟ ଭଲ୍ଟ ଓ ଅନ୍‌ଇଭେନ୍ ବାର୍‌ସ୍‌ରେ ଦୁଇଟି କାଂସ୍ୟ ପାଇଥିଲେ। ମହିଳା ଭଲ୍ଟରେ ଆବିଗେଲ୍ ତୃତୀୟ ସ୍ଥାନରେ ରହିଥିଲେ। ତାଙ୍କ ଭଉଣୀ ଇମିଲି ଏହି ଇଭେଣ୍ଟ୍‌ରେ ଚତୁର୍ଥ ସ୍ଥାନରେ ରହିଥିଲେ। ତେବେ ଏହାର କିଛି ଘଣ୍ଟା ପୂର୍ବରୁ ଇମିଲି ଅନ୍‌ଇଭେନ୍ ବାର୍‌ସ୍‌ରେ କାଂସ୍ୟ ଜିତି ସାରିଥିଲେ। ପଦକ ଜିତିବା ପରେ ଉଭୟ ଏକାଠି ଫଟୋ ପୋଜ୍ ଦେଇ ଖୁସି ମନାଇଥିଲେ। ଏହି ୨୦ ବର୍ଷୀୟା ଦୁଇ ଯାଆଁଳା ଭଉଣୀଙ୍କ ଏହି ସଫଳ ମୁହୂର୍ତ୍ତରେ ଏମାନଙ୍କ ଅଭିଭାବକ ଜନ୍ ଓ ମାଇକେଲ୍ ଉପସ୍ଥିତ ଥିଲେ।

## ବାପାଙ୍କୁ ବ୍ଲଡ କ୍ୟାନସର, ପୁଅ ଦେଶ ପାଇଁ ଆଣିଲେ ଗୌରବ

ନୂଆଦିଲ୍ଲୀ, ୨୮।୭: ପ୍ରତ୍ୟେକଙ୍କ ଜୀବନରେ ଦୁଃଖ,କଷ୍ଟ ଏବଂ ସଂଘର୍ଷ ଥାଏ। କିନ୍ତୁ କିଛି ଲୋକ ଏହି କଷ୍ଟକୁ ନିଜର ଶକ୍ତି କରିଦିଅନ୍ତି। ମଣିପୁରର ଯୁବ ୱେଟଲିଫ୍ଟର ଋଷିକାନ୍ତ ସିଂହ ଚନାମ୍ବମଙ୍କ କାହାଣୀ ବି କିଛି ଏଭଳି ରହିଛି। ଗୋଟିଏ ପଟେ ବାପା ବ୍ଲଡ କ୍ୟାନସର ଭଳି ଗମ୍ଭୀର ରୋଗ ଦେଇ ଗତି କରୁଛନ୍ତି। ଅନ୍ୟପକ୍ଷେ ପୁଅ ହଜାର ହଜାର କିଲୋମିଟର ଦୂରରେ ଭାରତ ପାଇଁ ପଦକ ଜିତିବା ପାଇଁ ମଞ୍ଚରେ ଠିଆ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ରେପ୍ୟ ପଦକ ଜିତିଥିବା ଋଷିକାନ୍ତଙ୍କ ଏହି ସଫଳତା କେବଳ ଖେଳର ଉପଲବ୍ଧି ନୁହେଁ, ବଂର ସଂଘର୍ଷ, ପରିବାରର ତ୍ୟାଗ ଓ କେବେ ହାର ନମାନିବା ଭଳି ଆବେଗର ଉଦାହରଣ।




ଯେତେବେଳେ ଋଷିକାନ୍ତ ଗ୍ଲାସଗୋରେ ପୁରୁଷଙ୍କ ୬୦ କିଲୋଗ୍ରାମ୍ ଭାର ବର୍ଗରେ ମଞ୍ଚକୁ ଓହ୍ଲାଇଥିଲେ ତାଙ୍କ ପରିବାର ଲୋକ ତାଙ୍କଠାରୁ ୭ ହଜାର କିଲୋମିଟର ଦୂର ରାଜସ୍ଥାନର ବାଡମେର ଜିଲ୍ଲାର ଉତ୍ତରଲାଇରେ ମୋବାଇଲ ଫୋନ୍‌ରେ ତାଙ୍କର ପ୍ରତିଯୋଗିତା ଦେଖୁଥିଲେ। ଯଦିଓ ଋଷିକାନ୍ତଙ୍କ ଘର ମଣିପୁରର ଇମ୍ଫାଲ ୱେଷ୍ଟ ଜିଲ୍ଲାର ନଗାଇରଙ୍ଗବାମ ମଖା ମ୍ୟାନିଂ ଲାଇକାଇ ଲେଇକୋଇରେ ରହିଛି, କିନ୍ତୁ ଗତ କିଛି ମାସ ହେବ ତାଙ୍କ ବାପା-ମା' ରାଜସ୍ଥାନରେ ବଡ଼ ପୁଅ ଅମରଜିତ୍ ସିଂହଙ୍କ ସହ ଅଛନ୍ତି। ତାଙ୍କ ବାପା ଏମ୍ସର ଯୋଧପୁରରେ ବ୍ଲଡ କ୍ୟାନସରର ଚିକିତ୍ସା ଚାଲିଛି। ଏବେ ତାଙ୍କର ତିନି ଥର କେମୋଥେରାପି ହୋଇ ସାରିଛି। ଏହା ଭିତରେ ଋଷିକାନ୍ତ ମୋଟ ୨୬୪ କେଜି ଓଜନ ଉଠାଇ ସିଲଭର ମେଡାଲ ନିଜ ନାଁରେ କରିନେଇଛନ୍ତି। ଋଷିକାନ୍ତ କହିଛନ୍ତି, ପୁରା ମୁକାବିଲାରେ ମଧ୍ୟ ତାଙ୍କ ମନରେ ସବୁଠାରୁ ଅଧିକ ନିଜ ବାପାଙ୍କ କଥା ଥିଲା। ସେ କହିଛନ୍ତି, ତାଙ୍କର ପିଲାବେଳ ଖୁବ୍ କଠିନତା ଭିତରେ ବିତିଛି। ଏହି କାରଣରୁ ସେ ସବୁବେଳେ ଚେଷ୍ଟା କରନ୍ତି ଯେ, କେଣସି ପ୍ରକାରରେ ନିଜ ବାପାଙ୍କ ମୁହଁରେ ହସ ଫେରାଇ ଆଣିବେ। ଋଷିକାନ୍ତ କହିଛନ୍ତି, ତାଙ୍କୁ ନିଜ ବାପାଙ୍କ ସହ ଅଧିକ ସମୟ ବିତାଇବାର କେବେ ସୁଯୋଗ ମିଳିନଥିଲା। ଯେତେବେଳେ ସେ ଶେଷ ଥର ପାଇଁ ଘରକୁ ଯିବା ସମୟରେ ସେ ତାଙ୍କ ବାପାଙ୍କୁ ଏକ ସ୍କୁଟର ଶୋ'ରୁମକୁ ନେଇକି ଯାଇଥିଲେ, ଯାହାଫଳରେ ସେ ପ୍ରଥମ ଥର ପାଇଁ ନିଜ ପାଇଁ ଏକ ସ୍କୁଟର କିଣିପାରିବେ। ତାଙ୍କ ପାଇଁ ଏହି ମୁହୂର୍ତ୍ତ କୌଣସି ପଦକଠାରୁ କମ୍ ନଥିଲା। ଆଜି ଦେଶ ପାଇଁ ପଦକ ଜିତିଥିବା ଋଷିକାନ୍ତ କେବେ ଦିନ ମଜୁରିଆ ଶ୍ରମିକ ମଧ୍ୟ ଥିଲେ। ସେ କହିଛନ୍ତି, ପିଲାବେଳେ ମୁଁ ସାଙ୍ଗଙ୍କ ସହ କାମ କରିବାକୁ ଯାଉଥିଲେ। ପ୍ରାୟ ଦୁଇରୁ ୩ ମାସ ପର୍ଯ୍ୟନ୍ତ ସେ ଅଲଗା ଅଲଗା ଛୋଟ-ବଡ଼ କାମ କରୁଥିଲେ। ଏହା ବଦଳରେ ସେ ପ୍ରାୟ ୧୫୦ ଟଙ୍କା ପ୍ରତିଦିନ ରୋଜଗାର କରୁଥିଲେ। ଆରମ୍ଭରୁ ତାଙ୍କର ଉଦେଶ୍ୟ କେବଳ ଏତିକି ଥିଲା ଯେ, ସାଙ୍ଗଙ୍କ ସହ କେଣସି ଘରୋଇ ସ୍କୁଲରେ ପଡିପାରିବେ। କିନ୍ତୁ ଧିରେ ଧିରେ ପରିବାରର ଆର୍ଥିକ ସ୍ଥିତି ଏତେ ଖରାପ ହୋଇଯାଇଥିଲା ଯେ, ସେହିଆଯରେ ମଧ୍ୟ ଘରର ଖର୍ଚ୍ଚ ଚାଲିଥିଲା। ଋଷିକାନ୍ତଙ୍କ ପରିବାର ଖୁବ୍ ସାଧାରଣ ଥିଲା। ବାପା-ମା ଦୁହେଁ କ୍ଷେତରେ କାମ କରୁଥିଲେ। ଚାଷବାସ କରିବାକୁ ତାଙ୍କ ପାଖରେ ନିଜର ଜମି ନଥିଲା। ପରିବାର ଖର୍ଚ୍ଚ ଚଳାଇବା ପାଇଁ ତାଙ୍କ ବାପା ମଜୁରୀ କାମ କରିବା ସହ ଟ୍ୟାକ୍ସି ବି ଚଳାଉଥିଲେ, ଯାହାଫଳରେ ୬ ଲୋକଙ୍କ ପରିବାର କେଣସି ପ୍ରକାରରେ ଜୀବନ ବିତାଇ ପାରିବେ। ଘରେ ବାପା-ମା'ଙ୍କ ବ୍ୟତୀତ ଦୁଇ ପୁଅ ଏବଂ ଦୁଇ ଝିଅ ବି ଥିଲେ। ସୀମିତ ଆମଦାନୀରେ ପରିବାର ଚଳାଇବା ସହଜ ନଥିଲା। ଋଷିକାନ୍ତଙ୍କ ବଡ ଭାଇ ୨୦୧୨ ରୁ ଭାରତୀୟ ବାୟୁସେନାରେ କାମ କରୁଛନ୍ତି।

## ସହଯୋଗୀ କୋଚ୍ ପଦରୁ ଇସ୍ତଫା ଦେଲେ ରୟାନ

ନୂଆଦିଲ୍ଲୀ, ୨୮।୭ : ଶ୍ରୀଲଙ୍କା ବିପକ୍ଷରେ ହେବାକୁ ଥିବା ଟେଷ୍ଟ ସିରିଜ ଲାଗି ଟିମ୍ ଇଣ୍ଡିଆର ଘୋଷଣା ହୋଇସାରିଛି । ମାତ୍ର ଏହି ଗସ୍ତ ପୂର୍ବରୁ ଗୌତମ ଗମ୍ଭୀରଙ୍କ ନିକଟତର ଏବଂ ଭାରତୀୟ ଟିମରେ ସହାୟକ କୋଚର ଭୂମିକା ନିଭାଉଥିବା ରୟାନ ଟେନ ଡେଶୋଟ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଏଭଳି ଏକ ରିପୋର୍ଟ ସାମ୍ନାକୁ ଆସିଛି କି ସେ ଆଇପିଏଲ୍ ୨୦୨୭ ଲାଗି କୋଲକାତା ନାଇଟ୍ ରାଇଡର୍ସରେ ପୁଣି ଥରେ ସାମିଲ ହେବେ । ନେଦରଲାଣ୍ଡର ପୂର୍ବତନ ଅଧିନାୟକଙ୍କୁ ୨୦୨୪ରେ ମୁଖ୍ୟ କୋଚ୍ ଗେତମ ଗମ୍ଭୀର ନିଜେ ଚୟନ କରିଥିଲେ ଏବଂ ତାଙ୍କ ଦେଖାରଖାରେ ଭାରତ ୨୦୨୫ ଏସିଆ କପ୍ ଏବଂ ୨୦୨୬ ଟି-୨୦ ବିଶ୍ୱକପ୍ ଜିତିଥିଲା । ରିପୋର୍ଟ ଅନୁସାରେ, ରୟାନ ଟେନ ଡେଶୋଟ ୟୁକେ ଗସ୍ତ ସମୟରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼କୁ ନିଜର ନିଷ୍ପତ୍ତି ବିଷୟରେ କହିଥିଲେ । ଏହି ସମୟରେ ଭାରତ ନିଜର ତିନି ହ୍ୱାଇଟ-ବଲ ସିରିଜ ପରାଜୟ ହୋଇଥିଲା । ଏହି ସମୟରେ ଏଭଳି ଖବର ଆସିଥିଲା କି ଗମ୍ଭୀର ତାଙ୍କୁ କିଛି ସମୟ ପର୍ଯ୍ୟନ୍ତ ରୋକିବାକୁ ପ୍ରୟାସ କରନ୍ତୁ, କିନ୍ତୁ ଏଭଳି ଲାଗୁଛି କି ମୁଖ୍ୟ କୋଚ୍ ଏବଂ ବୋର୍ଡ଼ ଉଭୟେ ଏହି ପରିବର୍ତ୍ତନକୁ ମଞ୍ଜୁରି ଦେଇ ଦେଇଛନ୍ତି । ଶ୍ରୀଲଙ୍କା ଗସ୍ତ ଲାଗି ଟିମ୍ ଇଣ୍ଡିଆ ଘୋଷଣା ହେବାର ତୁରନ୍ତ ପରେ ରୟାନ ଟେନ ଡେଶୋଟ ସହାୟକ କୋଚ୍ ପଦରୁ ଇସ୍ତଫା ଦେଇ ଦେଇଛନ୍ତି । ଏବେ ଦେଖିବାକୁ ବାକି ରହିଲା କି ବିସିସିଆଇ ଏହି ରୋଲ ଲାଗି କାହାକୁ ଚୟନ କରୁଛି । ଡେଶୋଟ ସବୁବେଳେ ଗମ୍ଭୀରଙ୍କ ନିକଟତର କୁହାଯାଏ । ଗମ୍ଭୀରଙ୍କ କହିବା ଅନୁସାରେ ବିସିସିଆଇ ତାଙ୍କୁ ଟିମ୍ ଇଣ୍ଡିଆର ସହାୟକ କୋଚ୍ କରିଥିଲେ, କିନ୍ତୁ ଗତ କିଛି ସମୟରୁ ତାଙ୍କ ରୋଲର ଆଲୋଚନା ହେଉଥିଲା ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ